بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସଂଖ୍ୟା 14

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02 ଏପ୍ରିଲ୍ 2020 | 02 ଶାହାଦତ୍ 1399 ହି.ଶ | 08 ଶାବାନ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَمَا كَانَ اللّٰهُ لِيُطْلِعَكُمْ عَلَى الْغَيْبِ
وَلٰكِنَّ اللّٰهَ يَجْتَبِيْ مِنْ رُّسُلِهٖ مَنْ يَّشَآءُ
فَاٰمِنُوْا بِاللّٰهِ وَرُسُلِهٖ وَاِنْ تُؤْمِنُوْا
وَتَتَّقُوْا فَلَكُمْ اَجْرٌ عَظِيْمٌ
(آل عمران:180)

ଅନୁବାଦ- ଏହା କେବେ ହେଁ ସମ୍ଭବପର ନ ଥିଲା ଯେ ଅପବିତ୍ରଙ୍କୁ ପବିତ୍ରଙ୍କ ଠାରୁ ପୃଥକ ନ କରିବା ପର୍ଯ୍ୟନ୍ତ ତୁମେମାନେ ଯେଉଁ ଅବସ୍ଥାରେ ଅଛ ଅଲ୍ଲାଃ (ତୁମମାନଙ୍କ ସଦୃଶ) ବିଶ୍ୱାସକାରୀମାନଙ୍କୁ ସେହି ଅବସ୍ଥାରେ ଛାଡ଼ି ଦେଇଥାଆନ୍ତେ; ଏବଂ ଅଲ୍ଲାଃ ତୁମମାନଙ୍କୁ ଅଦୃଶ୍ୟ ବିଷୟରେ କଦାପି ଅବଗତ କରାଇ ପାରି ନ ଥାଆନ୍ତେ । ଅବଶ୍ୟ ଅଲ୍ଲାଃ ତାହାଙ୍କ ରସୁଲମାନଙ୍କ ମଧ୍ୟରୁ ଯାହାଙ୍କୁ ଇଚ୍ଛା (ତାହାଙ୍କୁ) ମନୋନୀତ କରନ୍ତି; ଅତଏବ ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲମାନଙ୍କ ଉପରେ ବିଶ୍ୱାସ କର; ଏବଂ ଯଦି ତୁମେମାନେ ବିଶ୍ୱାସ କରିବ ଏବଂ ଧର୍ମଭୀରୁତା ଅବଲମ୍ବନ କରିବ ତେବେ ତୁମମାନଙ୍କୁ ମହାନ୍ ପୁରସ୍କାର ମିଳିବ ।

*(ଆଲେ ଇମରାନ୍: ୧୮୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁ ଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

# ବଡ଼ବଡ଼ ଇଂଗ୍ରେଜ ଗବେଷକମାନଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିଛି ଯେ ଇସ୍‌ଲାମ୍‌ର ସତ୍ୟତାର ଆତ୍ମା ଏତେ ସୁଦୃଢ଼ ଯେ, ତାହା ଅନ୍ୟମାନଙ୍କୁ ଇସ୍‌ଲାମ୍ ଗ୍ରହଣ କରିବାପାଇଁ ବାଧ୍ୟ କରିଦେଉଛି ।

## ହଜରତ ମସିହ ମଊଦ[ଆ.ସ]ଙ୍କ ନୀତି ବାଣୀ

### ଚାରିତ୍ରିକ ଚମତ୍କାର

ଅଲ୍ଲାଃ ତାଲାଙ୍କଠାରୁ ଇସ୍‌ଲାହ୍ ଚାହିଁବା ଏବଂ ନିଜର ଶକ୍ତି ଓ ସାମର୍ଥ୍ୟ ଖର୍ଚ୍ଚ କରିବା, ଏହା ହିଁ ହେଉଛି ଇମାନ୍‌ର ମାର୍ଗ । ପବିତ୍ର ହଦିସ୍‌ରେ ଆସିଛି ଯେ ଯିଏ ପୂର୍ଣ୍ଣ ବିଶ୍ୱାସ ରଖି ନିଜର ହାତକୁ ଦୁଆ (ପ୍ରାର୍ଥନା) କରିବା ନିମନ୍ତେ ଉଠାଇଥାଏ, ଅଲ୍ଲାଃ ତାଲା ତା'ର ଦୁଆକୁ ରଦ୍ଦ କରିନଥାଏ । ତେଣୁ ଖୁଦାଙ୍କଠାରୁ ମାର୍ଗ । ବିଶ୍ୱାସ ଓ ସଚ୍ଚା ନିୟତ ରଖି ମାଗ । ମୋର ଉପଦେଶ ହେଉଛି ଏହା କି ଉତମ ଚରିତ୍ରକୁ ପ୍ରକାଶ କରିବା ହେଉଛି ନିଜର ଚମତ୍କାରକୁ ପ୍ରକାଶ କରିବା । ଯଦି କିଏ କହେ କି ମୁଁ ଚମତ୍କାରୀ ହେବାକୁ ଚାହୁଁନାହିଁ ତେବେ ସେ ଏହା ମନେରଖିବୁ ଯେ ଶୈତାନ୍ ତାକୁ ଧୋକାରେ ପକାଇଛି । ଚମତ୍କାର ର ଅର୍ଥ ଅଦ୍ଭୁତ କାର୍ଯ୍ୟ ଓ ଦାମ୍ଭିକତା ନୁହେଁ । ଚମତ୍କାର ଦ୍ୱାରା ଲୋକମାନଙ୍କୁ ଇସ୍‌ଲାମ୍‌ର ସତ୍ୟତା ଓ ବାସ୍ତବିକତା ଜଣାପଡ଼ିଥାଏ ଏବଂ ମାର୍ଗ ଦର୍ଶନ ମିଳିଥାଏ । ମୁଁ ତୁମକୁ ପୁଣି କହୁଛି ଯେ ଅଦ୍ଭୁତ କାର୍ଯ୍ୟ ଓ ଦାମ୍ଭିକତା ତ ଚାରିତ୍ରିକ ଚମତ୍କାର ଭିତରେ ସାମିଲ ହିଁ ନୁହେଁ । ଏହା କେବଳ ଶୈତାନ୍‌ର ପ୍ରବଞ୍ଚନା । ଦେଖ ଏହି କୋଟି କୋଟି ମୁସଲମାନ, ଯେଉଁମାନେ ପୃଥିବୀର ବିଭିନ୍ନ ଭାଗରେ ବସବାସ କରୁଛନ୍ତି, କଣ ଏମାନେ ସମସ୍ତେ ତରବାରୀର ଭୟରେ ଓ ଜୋର୍ ଜବରଦସ୍ତି ହୋଇଛନ୍ତି ? ନୁହେଁ ଏହା ବିଲ୍‌କୁଲ୍ ଭୁଲ । ଏହା ଇସ୍‌ଲାମ୍‌ର ଚମତ୍କାରୀ ପ୍ରଭାବ, ଯାହା ସେମାନଙ୍କୁ ଟାଣି ଆଣିଛି । ଚମତ୍କାର ପ୍ରକାର ପ୍ରକାରର ହୋଇଥାଏ । ସେହି ସମସ୍ତ ମଧ୍ୟରୁ ଗୋଟିଏ ହେଉଛି ଚାରିତ୍ରିକ ଚମତ୍କାର, ଯାହା ପ୍ରତି କ୍ଷେତ୍ରରେ ସଫଳ ହୋଇଥାଏ । ସେମାନେ ଯେଉଁମାନେ ମୁସଲମାନ ହୋଇଛନ୍ତି, କେବଳ ସଦାଚାରୀମାନଙ୍କ ଚମତ୍କାର ହିଁ ଦେଖିଛନ୍ତି, ତାହାର ପ୍ରଭାବ ତାଙ୍କ ଉପରେ ପଡ଼ିଛି । ସେମାନେ ଇସ୍‌ଲାମ୍‌କୁ ସମ୍ମାନପୂର୍ଣ୍ଣ ଚକ୍ଷୁରେ ଦେଖିଲେ ନା କି ତରବାରୀକୁ ଦେଖିଲେ । ବଡ଼ବଡ଼ ଇଂଗ୍ରେଜ ଗବେଷକମାନଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିଛି ଯେ ଇସ୍‌ଲାମ୍‌ର ସତ୍ୟତାର ଆତ୍ମା ଏତେ ସୁଦୃଢ଼ ଯେ, ତାହା ଅନ୍ୟମାନଙ୍କୁ ଇସ୍‌ଲାମ୍ ଗ୍ରହଣ କରିବାପାଇଁ ବାଧ୍ୟ କରିଦେଉଛି ।

### ମୋ କଥାକୁ ନଷ୍ଟ କରନାହିଁ ।

ଖୁବ୍ ମନେରଖ ଓ ଏହାକୁ ସତ୍ୟଜାଣ ଯେ ଦିନେ ନା ଦିନେ ଅଲ୍ଲାଃଙ୍କ ନିକଟକୁ ଯିବାକୁ ହେବ । ତେଣୁ ଯଦି ଆମେ ଉତମ ଅବସ୍ଥାରେ ଏଠାରୁ ବିଦାୟ ନେଉଛେ ତେବେ ଏହା ଆମ ପାଇଁ ଶୁଭେଚ୍ଛା ଓ ଆନନ୍ଦର କଥା ଅନ୍ୟଥା ବହୁତ ବଡ଼ ବିଡ଼ମ୍ବନା । ମନେରଖ ଯେ, ଯେବେ ମଣିଷ ଖରାପ ଅବସ୍ଥାରେ ଯାଇଥାଏ ସେତେବେଳେ ତା'ର ସ୍ଥାନ ପରିବର୍ତନ ଏହିଠାରୁ ହିଁ ଆରମ୍ଭ ହୋଇଯାଇଥାଏ । ଅର୍ଥାତ ଶେଷ ସମୟର ଅବସ୍ଥାରୁ ହିଁ ତା ମଧ୍ୟରେ ପରିବର୍ତନ ହେବା ଆରମ୍ଭ ହୋଇଯାଇଥାଏ । ଅଲ୍ଲାଃ ତାଲା କହୁଛନ୍ତି

***ଇନ୍ନହୁ ମଇଁ ୟାତି ରବ୍‌ବହୁ ମୁଜ୍‌ରିମନ୍ ଫଇନ୍ନଲହୁ ଜହନ୍ନମ୍ ଲା ୟମୁତୁ ଫିହା ୱ୍ଲା ୟହ୍‌ୟା*** (ତାହା : ୭୫)

ଅର୍ଥାତ: ଯେଉଁ ବ୍ୟକ୍ତି ଅପରାଧି ହୋଇ ଆସିବ ତା ପାଇଁ ଏକ ପ୍ରକାରର ନର୍କ ରହିଛି । ସେ ସେଥିରେ ନା ତ' ମରୁଥିବ ଓ ନା ବଂଚୁଥିବ । ଏହା କେତେ ସ୍ପଷ୍ଟ କଥା ଜୀବନର ଅସଲ୍ ମଜା ହେଉଛି ଆରାମ ଓ ଖୁସି । ବରଂ ସେ ସେତେବେଳେ ଜଣେ ଜୀବିତ ବ୍ୟକ୍ତି ରୂପେ ବିବେଚିତ ହୋଇଥାଏ ଯେତେବେଳେ ତାକୁ ସବୁପ୍ରକାରର ଶାନ୍ତି ଓ ସୁଖ ମିଳିଥାଏ । ଯଦି ସେ କୌଣସି ବ୍ୟଥା ଅନୁଭବ କରେ ଉଦାହରଣ ସ୍ୱରୁପ ପେଟ ବ୍ୟଥା ବା ଦାନ୍ତ ଦରଜରେ ପିଡ଼ିତ ହୁଏ ସେତେବେଳେ ସେ ମୃତବ୍ୟକ୍ତିଙ୍କଠାରୁ ମଧ୍ୟ ହିନ ହୋଇଥାଏ । ତା'ର ଅବସ୍ଥା ଏପରି ହୋଇଯାଏ ଯେ ସେ ନା ତ ମୃତ ଅବସ୍ଥାରେ ଥାଏ ଓ ନା ଜୀବିତ ବୋଲାଇଥାଏ । ସୁତରାଂ ଏଥିରୁ ହିଁ ଅନୁମାନ ଲଗାଇ ନିଅ ଯେ ନର୍କର ପିଡ଼ାଦାୟକ ଦଣ୍ଡ ଯୋଗୁଁ କିପରି ଖରାପ ଅବସ୍ଥା ହେବ ।

### ସେ ହେଉଛି ଅପରାଧି ଯିଏ ନିଜ ଜୀବନରେ ଖୁଦାତାଲାଙ୍କ ସହିତ ନିଜର ସମ୍ପର୍କ ଛିନ୍ନ କରିଦିଏ

ଅପରାଧି ହେଉଛି ସେହି ବ୍ୟକକ୍ତି ଯିଏ ନିଜ ଜୀବନରେ ହିଁ ଖୁଦାତାଲାଙ୍କ ସହିତ ସମ୍ପର୍କ ତୁଟାଇ ଦିଏ । ତାକୁ ତ' ଏ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେ ଖୁଦାତାଲାଙ୍କ ପାଇଁ ହୋଇଯାଇଥାନ୍ତା ଓ ସତ୍ୟବାଦୀଙ୍କ ସହିତ ମିଶିଯାଇଥାନ୍ତା କିନ୍ତୁ ସେ ନିଜ ଅହଂଭାବର ଭକ୍ତ ହୋଇ ରହିଲା ଏବଂ ଖରାପ ଲୋକମାନଙ୍କର ଏବଂ ଖୁଦା ଓ ତାହାଙ୍କ ରସୁଲଙ୍କ ଶତୃଙ୍କ ସହିତ ଭାବ ଲଗାଇଲା । ଜାଣ ଯେ ସେ ତା ବ୍ୟବହାର ଦ୍ୱାରା ଏହା ଦେଖାଇ ଦେଲା ଯେ ସେ ଖୁଦାତାଲାଙ୍କଠାରୁ ସମ୍ପର୍କ ତୁଟାଇ ଦେଇଛି । ଅଲ୍ଲାଃ ତାଲାର ଏହା ଏକ ଅଭ୍ୟାସ ଯେ ମଣିଷ ଯେଉଁ ଆଡ଼କୁ ପାଦ ଉଠାଇଥାଏ ସେ ତା ବିପରୀତ ରେ ତା'ଠାରୁ ଦୁରେଇ ଯାଇଥାଏ । ସେ ଖୁଦାତାଲାଙ୍କ ଠାରୁ ଦୁରେଇ ଯାଇ ଯଦି ନିଜ ମନର ଦାସ ହୋଇଯାଏ, ସେତେବେଳେ ଖୁଦା ତା'ଠାରୁ ଦୁରେଇ ଯାଇଥାନ୍ତି । ଯେତେ ଯେତେ ଏପଟେ ତା'ର ସମ୍ବନ୍ଧ ବଢ଼ିଚାଲେ, ସେପଟେ କମ୍ ହୋଇଯାଏ । ଏହା ଏକ ପ୍ରଶିଦ୍ଧ ବଚନ ଯେ ଦିଲ୍ ରା ବଦଲ୍ ରହେ ଅସ୍ତ ଅର୍ଥାତ ଯଦି ସେ ଖୁଦାତାଲାଙ୍କ ସହିତ ବ୍ୟବହାରିକ ସ୍ତରରେ ଦୁରେଇ ରହିବାକୁ ଇଚ୍ଛା ପ୍ରକାଶ କରିଥାଏ ତେବେ ବୁଝି ନିଅ ଯେ ଖୁଦାତାଲା ମଧ୍ୟ ତା'ଠାରୁ ଦୁରେଇ ରହନ୍ତି । ଯଦି ଖୁଦାତାଲାଙ୍କ ସହିତ ପ୍ରେମ କରୁଥାଏ ଓ ପାଣି ସଦୃଶ ତା ଆଡ଼କୁ ବହିଯାଏ, ତେବେ ବୁଝି ନିଅ ଯେ ସେ ଦୟାଳୁ ଅଟନ୍ତି । ପ୍ରେମ କରୁଥିବା ବ୍ୟକ୍ତିକୁ ଅଲ୍ଲାଃ ତାଲା ଅଧିକ ପ୍ରେମ କରିଥାନ୍ତି । ସେ ହେଉଛି ଏପରି ଖୁଦା ଯିଏ ନିଜ ପ୍ରୀୟଜନଙ୍କ ଉପରେ ବରକତ୍ (ଆଶିଷ) ଅବତୀର୍ଣ୍ଣ କରିଥାଏ ଏବଂ ସେମାନଙ୍କୁ ଅନୁଭବ କରାଇଦିଏ ଯେ ଖୁଦା ତାଙ୍କ ସହିତ ଅଛନ୍ତି । ଏପରି କି ତାଙ୍କ ବାଣୀରେ, ତାଙ୍କ ମୁହଁରେ ବର୍‌କତ୍ ରଖି ଦେଇଥାଏ । ଲୋକମାନେ ତା ବସ୍ତ୍ରରୁ ଏବଂ ତା'ର ପ୍ରତ୍ୟେକ ଜିନିଷରୁ ବର୍‌କତ୍ ପାଇଥାନ୍ତି । ଉମ୍ମତେ ମୁହମ୍ମଦିୟା (ଇସ୍‌ଲାମ୍ ସମ୍ପ୍ରଦାୟରେ) ଏହାର ସ୍ପଷ୍ଟ ପ୍ରମାଣ ଏ ପର୍ଯ୍ୟନ୍ତ ମିଳୁଅଛି କି, ଯିଏ ଖୁଦାଙ୍କର ହୋଇଯାଏ ଖୁଦା ତା'ର ହୋଇଯାଆନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୨ ରୁ ୧୨୫ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ସେ କହୁଛନ୍ତି ସେ ଥରେ ମତେ ବତାଇଛନ୍ତି ଯେ, ଅବସରପ୍ରାପ୍ତପରେ ଦିନେ ମୁଁ ଏ ନିଷ୍ପତି କଲି କି, ଯେହେତୁ ମୁଁ ଅବସର ପାଇଯାଇଛି ତେଣୁ ଯେଉଁ ଇଚ୍ଛାବିନା ଚାନ୍ଦାଗୁଡ଼ିକ ଅଛି ତାକୁ ମୁଁ ଅଧା ପଇଠ କରିବି । ଆମଦାନୀ ଓ ଆଲାଉନ୍ସ ଏବେ କମ୍ ହୋଇଗଲା ସେଥିଯୋଗୁଁ ମୁଁ ମୋର ନିଜ ଓ୍ୱାଦାଗୁଡିକର ଲିଷ୍ଟ ତିଆରି କଲି ଓ ଶୋଇଗଲି । ସେ କହୁଛନ୍ତି ମୁଁ ରାତ୍ରିରେ ସ୍ୱପ୍ନ ଦେଖିଲି ଯେ, ଅଲ୍ଲାଃ ତାଲା ମୋ ନିକଟକୁ ଆସିଲେ ଓ କହିଲେ ମୁଁ ହେଉଛି ସାରା ବ୍ରହ୍ମାଣ୍ଡର ଈଶ୍ୱର ଶୁଣିବାକୁ ପାଇଲି ଯେ, ତୁମେ ନିଜର ଚାନ୍ଦାକୁ ଅଧା କରିଦେଇଛ । ଆସ ମୁଁ ତୁମକୁ ନିଜ ବ୍ରହ୍ମାଣ୍ଡର ଭ୍ରମଣ କରାଇବି । ସୁତରାଂ ଅଲ୍ଲାଃ ତାଲା ମତେ ସ୍ୱପ୍ନରେ ନିଜର ପାହାଡ଼, ଜଙ୍ଗଲ, ଉପତ୍ୟାକା ଏବଂ ବଗିଚା ଗୁଡ଼ିକ ଦେଖାଇଲେ ତା'ପରେ ଏକଥା କହିଲେ ଯେ, ମୁଁ ଯେବେ ଏହି ସମସ୍ତର ମାଲିକ ଅଟେ ତେବେ ତୁମକୁ କେଉଁ କଥାର ଚିନ୍ତା ଘାରୁଛି । ସେ କହୁଛନ୍ତି ମୁଁ ଏତିକି କଥା ହିଁ ଶୁଣିଲି । ତା'ପରେ ମୋ ଆଖି ଖୋଲିଗଲା । ସୁତରାଂ ମୁଁ ଚାନ୍ଦାକୁ ଅଧା ଦେବାର ଯେଉଁ ନିଷ୍ପତି କରିଥିଲି । ତାହାକୁ ଛାଡ଼ି ଦେଲି ଓ ନିଜର ଚାନ୍ଦାକୁ ନିୟମିତ ସେହିଭଳି ପୂନର୍ବାର ଦେବାକୁ ଲାଗିଲି ।

ତାଙ୍କ ପତ୍ନୀ ବତାଉଛନ୍ତି ଯେ, ଓ୍ୱକ୍‌ଫେ ଜିନ୍ଦେଗୀ ପୂର୍ବରୁ ଯେତେବେଳେ ସେ ବେପାର କରୁଥିଲେ । ସେତେବେଳେ ବହୁତ ଗୁଡ଼ିଏ ଟଙ୍କା ପକେଟ ଭିତରେ ରଖି ଶୀତ ରାତିରେ ଚାଦର ଘୋଡ଼ି ହୋଇ ସଡ଼କ ଉପରକୁ ଚାଲିଯାଉଥିଲେ ଓ ଏକଥା କହୁଥିଲେ ଯେ, ବର୍ତମାନ ଯେଉଁ ଅସହାୟ ବ୍ୟକ୍ତି ମିଳିବେ ସେମାନେ ବାସ୍ତବରେ ବହୁତ ଅଭାବୀ ହିଁ ଥିବେ । ସୁତରାଂ ଦିନେ ରାସ୍ତା ଉପରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲା ଓ ବହୁତ ବ୍ୟତିବ୍ୟସ୍ତ ଦେଖାଯାଉଥିଲା ଓ ପୁଣି ସେ ବତାଇଲା ଯେ, ତାଙ୍କ ମାଆ ଭୀଷଣ ବିମାର ଅଛନ୍ତି ଓ ତାଙ୍କ ପାଖରେ ପଇସା ନାହିଁ ସୁତରାଂ ମଲକ୍ ସାହେବ୍ ସେହି ସମସ୍ତ ଟଙ୍କାକୁ ତାଙ୍କୁ ଦେଇ ଘରକୁ ଫେରି ଆସିଲେ ।

ଆସିଫ୍ ମଜିଦ୍ ସାହେବ୍, ନାଜିର୍ ଜିୟାଫତ୍‌ଙ୍କ ସହଯୋଗୀ କହୁଛନ୍ତି ଯେ, ବେଳେବେଳେ ଭିଡ଼ ଅଧିକ ହୋଇଥିବା ଯୋଗୁଁ ଅତିଥିମାନଙ୍କୁ ରହିବାପାଇଁ ବହୁତ ଅସୁବିଧା ହୋଇଯାଉଥିଲା ଓ କେତେକ ଅତିଥି ଖୋଲାଖୋଲି ଭାବେ କାର୍ଯ୍ୟାଳୟ ଭିତରକୁ ଆସି ବେଳେବେଳେ କଡ଼ା ଶବ୍ଦ ବ୍ୟବହାର କରିଦେଉଥିଲେ । କିନ୍ତୁ ମରହୁମ୍ ବହୁତ ଆତ୍ମସନ୍ତୋଷତାର ସହିତ ସବୁକଥା ଶୁଣୁଥିଲେ ଓ ପୁଣି ସେ କହୁଛନ୍ତି ଯେ, ମୁଁ ତାଙ୍କୁ ହାତ ଯୋଡ଼ି କ୍ଷମା ମାଗିବାର ମଧ୍ୟ ଦେଖିଛି । ମରହୁମ୍ ଯେଉଁ ଅତିଥିମାନଙ୍କୁ କ୍ଷମା ମାଗୁଥିଲେ ସେମାନଙ୍କ ମଧ୍ୟରୁ କେତେକ ତାଙ୍କ ପିଲାମାନଙ୍କର ବୟସର ମଧ୍ୟ ଥିଲେ । ଥରେ ଅତିଥିମାନେ ଯିବାପରେ ମୁଁ ତାଙ୍କୁ ଏକଥା ପଚାରିଲି ଯେ, ମଲକ୍ ସାହେବ୍ ଆପଣ ସେହି ପିଲାମାନଙ୍କ ନିକଟରେ ହାତଯୋଡ଼ି କ୍ଷମା ମାଗିଲେ ଏଥିରେ ମତେ ବହୁତ ଦୁଃଖ ହେଲା । ମଲ୍‌କ ସାହେବ କହିଲେ ତୁମକୁ କାହିଁକି କଷ୍ଟ ଲାଗିଲା ? ମୁଁ ହାତ ଯୋଡ଼ିଛି ତୁମେ ନୁହଁ । ଏବଂ ମନେ ରଖ ଯେ, ଯାହାଙ୍କର ଏମାନେ ଅତିଥି ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର, ସେ ତ' ଅତିଥିମାନଙ୍କୁ ମନାଇବାପାଇଁ ଖାଲି ପାଦରେ ଦଉଡ଼ି ଦଉଡ଼ି ଅତିଥିମାନଙ୍କୁ ମନାଇ ଲେଉଟାଇ ଆଣୁଥିଲେ ।

ପୁଣି ଆସିଫ୍ ସାହେବ କହୁଛନ୍ତି ଯେ, ଥରେ ମୁଁ ତାଙ୍କ କାର୍ଯ୍ୟାଳୟରେ ବସିଥିଲି ସେ ଗୋଟିଏ ଘଟଣା ବିଷୟରେ ମତେ ଜଣାଇଲେ ଯେ, ଦିନେ ତାଙ୍କ କାର୍ଯ୍ୟାଳୟ ଭିତରେ ଜଣେ ବୟସ୍କବ୍ୟକ୍ତି ପଞ୍ଜାବି ଭାଷାରେ ମଲକ୍ ସାହେବ୍‌ଙ୍କୁ କହିଲେ ଯେ, କଣ ତୁମେ ମଲକ ମନଓ୍ୱର ଯାଓ୍ୱେଦ୍ ସେ କହିଲେ ହଁ ମୁଁ ହେଉଛି ମଲକ ମନଓ୍ୱର ଯାଓ୍ୱେଦ୍ ଏଥିରେ ସେହି ବୟସ୍କବ୍ୟକ୍ତି ଜଣକ କହିଲେ, କଣ ତୁମ ବାପାଙ୍କର ଏ ଲଙ୍ଗରଖାନା ମଲକ୍ ସାହେବ୍ ଉତର ଦେଲେ ନୁହେଁ ବାବାଜୀ ଏହା ତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲଙ୍ଗରଖାନା । ମୋ ଏବଂ ଆପଣଙ୍କର ଆମ ଦୁଇଜଣଙ୍କ ବାପାଙ୍କର ଲଙ୍ଗରଖାନା ଅଟେ । ଏ ଉତର ଶୁଣି ସେହି ବୟସ୍କବ୍ୟକ୍ତି ଜଣକ ଶାନ୍ତ ହୋଇଗଲେ ଓ ସେ ବହୁତ ସହଯୋଗତାର ସହିତ ନିଜର ମାମଲାକୁ ପ୍ରେମପୂର୍ଣ୍ଣ ଢ଼ଙ୍ଗରେ ବର୍ଣ୍ଣନା କଲେ ପୁଣି ଚାଲିଗଲେ ।

ହଜୁର ଅନଓ୍ୱର କହୁଛନ୍ତି, ବେଳେବେଳେ ଅତିଥିମାନେ ମଧ୍ୟ ଅସୁବିଧାରେ ପକାଇଥାନ୍ତି ମୋ ନିକଟକୁ ମଧ୍ୟ ଏ ଅଭିଯୋଗ ଆସୁଛି ଯେ, ଦାରୁଲ୍ ଜିୟାଫତ୍‌ରେ ଏଭଳି ବ୍ୟବହାର ହୋଇଛି । କିନ୍ତୁ ଅନୁସନ୍ଧାନ କରିବାପରେ ଏକଥା ଜଣାପଡ଼ିଥାଏ ଯେ, ଅତିଥିମାନେ ମଧ୍ୟ ଧର୍ଯ୍ୟହରା ହୋଇଯାଉଛନ୍ତି । ଠିକ୍ ଅଛି ଆମ ବିଭାଗକୁ ସେମାନଙ୍କର ସମ୍ମାନ କରିବା ଉଚିତ କିନ୍ତୁ ଅତିଥିମାନଙ୍କୁ ମଧ୍ୟ ଦରକାର ଯେ, ସେମାନେ ଉତମ ବ୍ୟବହାର ପ୍ରଦର୍ଶନ କରନ୍ତୁ ଓ ଯେତେବେଳେ କଦାଚିତ ଏପରି ପରିସ୍ଥିତି ସୃଷ୍ଟି ହୋଇଯାଏ ସେତେବେଳେ ଇନ୍‌ତେଜାମିୟାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତୁ । ସେ ଯାହା ହେଉ ମଲକ୍ ସାହେବ୍ ନିଜ ଓ୍ୱକ୍‌ଫର ହକ୍‌କୁ ପ୍ରଦାନ କରିଛନ୍ତି । ଯେତେବେଳେ ମୁଁ ନାଜାର ଆଲା ଥିଲି ସେତେବେଳେ ମୁଁ ନାଜର ଜିୟାଫତ୍ ମଧ୍ୟ ଥିଲି ଏବଂ ସେ ନାଏବ୍ ନାଜର ଜିୟାଫତ୍ ଥିଲେ ଓ ମୁଁ ତାଙ୍କୁ ଦେଖିଛି ଯେ, ଯମାତ୍‌ର ଧନସମ୍ପତିକୁ ସୁରକ୍ଷା କରିବାପାଇଁ ସେ ବହୁତ ଚିନ୍ତିତ ଥିଲେ । ହକ୍ କଥା କହିବାପାଇଁ କେବେ ପଛାଉ ନଥିଲେ । ସେ ମୋର ନାଏବ୍ ରହିବା ସତ୍ୱେ ମଧ୍ୟ ଯଦି ଯମାତ୍‌ର ହିତପାଇଁ ତାଙ୍କ ହିସାବରେ କୌଣସି କଥା ଉତମ ହୋଇଥାଏ ଓ ମୁଁ ଆଉ କିଛି କଥା କହିଦେଇଥାଏ ତେବେ ସେ ବିନା ସଙ୍କୋଚରେ ମୋ ରାଏ ଖିଲାଫ୍‌ରେ ପରାମର୍ଶ ଦେଉଥିଲେ ଓ କହୁଥିଲେ ଯେ, ଏ କାମ ଯଦି ଏପରି ହୁଅନ୍ତା ତେବେ ଠିକ୍ ହେବ । ହଜୁର ଅନଓ୍ୱର କହୁଛନ୍ତି ଏହି ପ୍ରକାରର ସୁଗୁଣ ପ୍ରତ୍ୟେକ ଓ୍ୱାକ୍‌ଫେ ଜିନ୍ଦଗୀଙ୍କ ମଧ୍ୟରେ ରହିବା ଉଚିତ ଯେ ନିଜର ରାୟ କୁ ଶିଷ୍ଟାଚାରକୁ ଦୃଷ୍ଟିଆଗରେ ରଖି ସଠିକ୍ ରୂପେ ପେଷ୍ କରନ୍ତୁ । ମଲକ୍ ସାହେବଙ୍କର ଖିଲାଫତ୍ ସହିତ ଯେଉଁ ଭକ୍ତିପୂର୍ଣ୍ଣ ସମ୍ପର୍କ ଥିଲା ତାହା ବହୁତ ଉଚ୍ଚସ୍ତରର ଥିଲା ଯାହାର ପରିପ୍ରକାଶ ତାଙ୍କର ପ୍ରତ୍ୟେକ ଚିଠିରୁ ହିଁ ହେଉଥିଲା ଓ ଯେତେବେଳେ ସେ ସାକ୍ଷାତ କରୁଥିଲେ ପ୍ରତ୍ୟେକ ସାକ୍ଷାତକାର ସମୟରେ ଏହାର ପରିପ୍ରକାଶ ହେଉଥିଲା । ସେ ମୋ ସହିତ ଦୁଇଥର ସାକ୍ଷାତ କରିଛନ୍ତି ।

ଅଲ୍ଲାଃ ତାଲା ତାଙ୍କ ଉପରେ କୃପା କରନ୍ତୁ ଓ କ୍ଷମା ଆଚରଣ କରନ୍ତୁ । ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଓ ସେମାନଙ୍କୁ ତାଙ୍କର ପୂର୍ଣ୍ଣ୍ୟ କାର୍ଯ୍ୟକୁ ଜାରି ରଖିବାପାଇଁ ସାହାସ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ମୁକରମ୍ ପ୍ରଫେସର୍ ମୁନଓ୍ୱର ଶମିମ୍ ଖାଲିଦ୍ ସାହେବ୍ ସୁପୁତ୍ର ମୁକରମ୍ ଶେଖ୍ ମେହବୁବ୍ ଆଲମ୍ ଖାଲିଦ୍ ସାହେବଙ୍କର । ସେ ୧୬ ଫେବୃୟାରୀ ୨୦୨୦ରେ ରବୱ୍ୱାଠାରେ ୮୧ ବର୍ଷ ବୟସରେ ଦେହତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ଯେମିତି କି ମୁଁ କହିଲି କି ତାଙ୍କ ବାପା ଶେଖ୍ ମେହବୁବ୍ ଆଲମ୍ ଖାଲିଦ୍ ସାହେବ ଥିଲେ ଓ ସେ ପ୍ରଥମେ ଟି.ଆଇ କଲେଜ୍‌ରେ ପ୍ରଫେସର ଥିଲେ । ପୁଣି ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ରହେମୁଲ୍ଲାଃ ତାଙ୍କୁ ନାଜିର୍ ବଇତୁଲ୍ ମାଲ୍ ଆମଦ୍ ରୂପେ ନିଯୋଜିତ କଲେ । ସେ ବହୁଦିନ ପର୍ଯ୍ୟନ୍ତ ନାଜିର୍ ବଇତୁଲ୍ ମାଲ୍ ଆମଦ୍ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପୁଣି ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ରାବେ ରହେମୁଲ୍ଲାଃ ତାଙ୍କୁ ସଦର ଅଞ୍ଜୁମନ ଅହେମଦିୟାର ସଭାପତି ରୂପେ ନିଯୋଜିତ କରିଥିଲେ । ଏହି ଶମିମ୍ ଖାଲିଦ୍ ସାହେବ୍ ହେଉଛନ୍ତି ତାଙ୍କର ସବୁଠାରୁ ବଡ଼ ପୁଅ । ତାଙ୍କ ଅନ୍ତେ ତାଙ୍କର ଦ୍ୱିତୀୟ ପତ୍ନୀ ଶାହିଦା ମୁନଓ୍ୱର ଶମିମ୍ ସାହିବା ଅଛନ୍ତି ଓ ତାଙ୍କର ପ୍ରଥମ ପତ୍ନୀ ଯାହାଙ୍କର ଦେହାନ୍ତ ହୋଇଯାଇଛି, ତାଙ୍କ ଗର୍ଭରୁ ଗୋଟିଏ ପୁତ୍ର ଖାଲିଦ୍ ଅନଓ୍ୱର ସାହେବ୍ ଯିଏ କାନାଡ଼ା ରେ ରହୁଛନ୍ତି । ୧୯୬୪ ମସିହାରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ରହେମୁଲ୍ଲାଃ କଲେଜ୍‌ର ପ୍ରିନ୍ସିପାଲ୍ ଥିଲେ ତତ୍‌ସହିତ ସଦର ଅଞ୍ଜୁମନ୍ ଅହେମଦୀୟାର ସଭାପତି ମଧ୍ୟ ଥିଲେ ସେତେବେଳେ ସେ ମୁନଓ୍ୱର ଶମିମ୍ ଖାଲିଦ୍ ସାହେବଙ୍କର ନିକାହ୍ ମସ୍‌ଜିଦ୍ ମୁବାରକ୍‌ରେ ପଢ଼ାଇଥିଲେ । ସେହି ଅବସରରେ ହଜ୍‌ରତ୍ ମିର୍ଜା ନାଶିର୍ ଅହେମଦ୍ ସାହେବ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ଏ ବାକ୍ୟ କହିଥିଲେ ଯେ, ପ୍ରଫେସର ମୁନଓ୍ୱର ଶମିମ୍ ଖାଲିଦ୍ ଯିଏ ମୋର ଅନ୍ତରଙ୍ଗ ବନ୍ଧୁ ଓ ପ୍ରଫେସର ମେହବୁବ ଆଲମ୍ ଙ୍କ ପୁତ୍ର ଅଟନ୍ତି, ସେ ମୋ ପିଲାମାନଙ୍କ ପରି ପ୍ରୀୟ ଅଟନ୍ତି । ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃଙ୍କର ତାଙ୍କ ବାପାଙ୍କ ସହିତ ଅତି ଉତମ ସମ୍ପର୍କ ଥିଲା । ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ମର୍କଜିଆ ପାକିସ୍ତାନରେ ସେ ଅନବରତ ୨୮ ବର୍ଷ ସେବା କରିଛନ୍ତି । ଯେ ପର୍ଯ୍ୟନ୍ତ କଲେଜ୍ ନ୍ୟାସନାଲାଇଜ୍ ହୋଇନଥିଲା ସେ ପର୍ଯ୍ୟନ୍ତ ସେ ଟି.ଆଇ କଲେଜ୍‌ର ପ୍ରଫେସର ଥିଲେ ନ୍ୟାସନାଲାଇଜ୍ ହେବାପରେ ତାଙ୍କର ଅଧିକାଂଶ ସମୟ ରବ୍‌ୱା କଲେଜ୍‌ରେ ହିଁ ଅତିବାହିତ ହୋଇଛି ।

ହଜୁର ଅନଓ୍ୱର କହୁଛନ୍ତି ଏହା ତ ମୁଁ କହିଦେଲି ଯେ, ସେ ମେହବୁବ୍ ଆଲମ୍ ଖାଲିଦ୍ ସାହେବଙ୍କର ପୁତ୍ର ଥିଲେ । ଶମିମ୍ ଖାଲିଦ୍ ସାହେବଙ୍କର ଜେଜେ ମୌଲବୀ ଫରଜନ୍ଦ ଅଲୀ ସାହେବ୍ ଖାନ୍ ସାହେବ୍ ଥିଲେ । ମୌଲବୀ ଫରଜନ୍ଦ ଅଲୀ ସାହେବ୍ ମସ୍‌ଜିଦ୍ ଲଣ୍ଡନର ପୁର୍ବତନ ଇମାମ୍ ମଧ୍ୟ ଥିଲେ ଏବଂ ନାଜିର୍ ବଇତୁଲ୍ ମାଲ୍ ମଧ୍ୟ ଥିଲେ ।

ମନଓ୍ୱର ଶମିମ୍ ଖାଲିଦ୍ ସାହେବ୍‌ଙ୍କ ଦ୍ୱିତୀୟ ପତ୍ନୀ ଶାହିଦା ସାହିବା ବର୍ଣ୍ଣନା କରୁଛନ୍ତି ଯେ, ମନଓ୍ୱର ଶମିମ୍ ଖାଲିଦ୍ ସାହେବ୍‌ଙ୍କର ଅଗଣତି ସୁଗୁଣର ଅଧିକାରୀ ଥିଲେ । ସବୁଠାରୁ ପ୍ରଥମ ସୁଗୁଣ ତାଙ୍କର ଏହା ଥିଲା କି, ସେ ଖଲିଫାଙ୍କ ସହିତ ବହୁତ ପ୍ରେମ ଓ ଆସ୍ଥା ରଖିଥିଲେ ସେହିପରି ଖଲିଫାଙ୍କର ଆଜ୍ଞାନୁବର୍ତିତା ମଧ୍ୟ ଥିଲେ । ଖଲିଫାଙ୍କ ଖୁତ୍‌ବା ଗୁଡ଼ିକ ବହୁତ ଧ୍ୟାନ ଦେଇ ଶୁଣୁଥିଲେ ଓ ପୁଣି ସେଥିରୁ ପଂଏଟ ବାହାର କରୁଥିଲେ । ନମାଜ୍ ଓ ରୋଜା ନିୟୋମିତ ପାଠ କରୁଥିଲେ, ତହ୍‌ଜୁଦ୍ ନମାଜ୍ ଏବଂ ବାଯମାତ୍ ପାଂଚବେଳା ନମାଜ୍ ସେ ନିୟମିତ ପାଠ କରୁଥିଲେ । ବେମାର ପଡ଼ିବା ସମୟରେ ଯେତେବେଳେ ମସ୍‌ଜିଦ୍ ଯାଇପାରିଲେ ନାହିଁ ସେ ବହୁତ ଦୁଃଖ ଅନୁଭବ କରୁଥିଲେ ଓ ଅଧିକାଂଶ ସମୟ ଭାବବିହ୍ୱଳ ହୋଇ ଏକଥା କହୁଥିଲେ ଯେ, ମୁଁ ମସ୍‌ଜିଦ୍ ଯାଇପାରୁନାହିଁ । ସେ ନିଜ ବେମାର ପଡ଼ିବା ସମୟରେ ବହୁତ ଧୈର୍ଯ୍ୟ ଓ ସାହାସର ସହିତ ଦିନ କାଟିଛନ୍ତି କେବେ ଉଫ୍ ବୋଲି କହିନାହାନ୍ତି ନା କେବେ ନିଜ ମୁହଁରେ ଆପତି ଅଭିଯୋଗ କରିଛନ୍ତି । ସର୍ବଦା ତାଙ୍କ ମୁହଁରେ ଅଲ୍‌ହମ୍‌ଦୁଲିଲ୍ଲାଃ (ଅର୍ଥାତ ସମସ୍ତ ପ୍ରଶଂସାର ପାତ୍ର ଅଲ୍ଲାଃ ଅଟନ୍ତି)ର ବାକ୍ୟ ଉଚ୍ଚାରଣ ହେଉଥିଲା । ଧର୍ମ ସେବା କରିବାରେ ତାଙ୍କର ନିଷ୍ଠାଭାବ ଭକ୍ତି ଓ ପରିଶ୍ରମ ସମ୍ପୁର୍ଣ୍ଣ ରୂପେ ସ୍ୱତନ୍ତ୍ରଗୁଣ ଥିଲା । ଚୁପ୍‌ଚାପ ସେବା କାର୍ଯ୍ୟ କରିଚାଲିଥିଲେ । ଅତ୍ୟନ୍ତ ଦୟାଳୁ ଓ ସ୍ନେହୀବ୍ୟକ୍ତି ଥିଲେ ସେ ଯେତେବେଳେ କଲେଜ୍‌ରେ ପାଠ ପଢ଼ାଉଥିଲେ ମୁଁ ମଧ୍ୟ କିଛିଦିନ ତାଙ୍କର ଛାତ୍ର ରହିଛି । ହଜୁର ଅନଓ୍ୱର କହୁଛନ୍ତି ଯେତେବେଳେ ମୁଁ ସ୍ଥାନୀୟ ଅମୀର୍ ଅର୍ଥାତ ନାଜର୍ ଆଲା ଥିଲା ସେ ସେତେବେଳେ ମୋ ସହିତ ବହୁତ ସମ୍ମାନ ଦେଖାଉଥିଲେ କେବେ ଏ ମନୋଭାବ ପୋଷଣ କରିନାହାନ୍ତି ଯେ, ତୁମେ ମୋର ଛାତ୍ର ଥିଲ ବୋଲି । ନିଜାମେ ଖିଲାଫତ୍ ଏବଂ ନିଜାମେ ଯମାତ୍ ର

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

ମୁସ୍‌ଅବ୍ ବିନ୍ ଅମୀର ର:ଅ...... ହେଉଛନ୍ତି ସେହି ମହାନ୍ ଯୁବକ ଯାହାଙ୍କୁ ହିଜ୍‌ରତ୍ ପୂର୍ବରୁ ୟସ୍‌ରବ୍ (ମଦିନା)ରେ ପ୍ରଥମ ଇସ୍‌ଲାମିୟ ମୁବ୍‌ଲିଗ୍ ରୂପେ ପ୍ରେରଣ କରାଯାଇଥିଲା ଓ ତାଙ୍କ ଜରିଆରେ ମଦିନାରେ ଇସ୍‌ଲାମ୍‌ର ପ୍ରସାର ଘଟିଥିଲା ।

ମୁସ୍‌ଅବ୍ ବିନ୍ ଅମୀର ର:ଅ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ହିଜ୍‌ରତ୍ ପୂର୍ବରୁ ମଦିନାରେ ଜୁମା ପଢ଼ାଇଥିଲେ ।

ରସୁଲୁଲ୍ଲାଃ ସ:ଆ:ସ ହଜରତ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ମନେ ପକାଇ କହୁଥିଲେ ଯେ, ମୁଁ ମୁସ୍‌ଅବ୍‌ଙ୍କଠାରୁ ଅଧିକ ସୁନ୍ଦର, ଗେଲବସରରେ ଲାଳନପାଳନ ହୋଇଥିବା ଆଉ କାହାକୁ ଦେଖିନାହିଁ ।

ସୁନ୍ଦର ଓ ଆକର୍ଷଣୀୟ ଏବଂ ନିଜ କୁଟୁମ୍ବରେ ସମସ୍ତଙ୍କଠାରୁ ପ୍ରୀୟ ଯୁବକ, ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦରୀ ସାହାବି ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା ।

ଅଓସ୍ କବିଲାର ରଇସ୍ ସାଆଦ୍ ବିନ୍ ମାଆଜ୍ ଏବଂ ଉସୈଦ୍ ବିନ୍ ଅଲ୍ ହୁଜୈର୍ ର:ଅଙ୍କ ଇମାନ୍ ଆଣିବା ଘଟଣାର ବର୍ଣ୍ଣନା ।

ନିଜାମେ ଖିଲାଫତ୍ ଏବଂ ନିଜାମେ ଯମାତ୍‌ର ଆଜ୍ଞାବହ ଦୁଇଜଣ ବୟ୍ୟଜ୍ୟୋଷ୍ଠ ବ୍ୟକ୍ତି, ୱକଫ୍ ର ହକ୍ ପ୍ରଦାନ କରିବାବାଲା ନାଏବ୍ ନାଜିର୍ ଜିୟାଫତ୍ ମୋକରମ୍ ମଲକ୍ ମନୱ୍ୱର ଅହମଦ୍ ଜାୱେଦ୍ ସାହେବ୍ ଏବଂ ପରିଶ୍ରମି ଓ ନିଷ୍ଠାର ସହିତ ଧର୍ମ ସେବା କରିବାର ସୌଭାଗ୍ୟ ପାଇଥିବା ପ୍ରଫେସର ମୁନୱ୍ୱର୍ ଶମିମ୍ ଖାଲିଦ୍ ସାହେବ୍‌ଙ୍କ ଦେହାନ୍ତ, ଏହି ଦୁଇଜଣ ମର୍‌ହୁମିଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ତ: ୨୮ ଫେବୃୟାରୀ ୨୦୨୦ ଅନୁଯାୟୀ ୨୮ ତବ୍‌ଲିଗ୍ ୧୩୯୯ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ସମ୍ବନ୍ଧ କୁରୈଶ୍‌ର କବିଲା ବନୁ ଅବଦ୍‌ଲ୍ ଦାର ସହିତ ଥିଲା । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ କୁନିୟତ ଅବୁ ଅବ୍‌ଦୁଲ୍ଲାଃ ଥିଲା । ଏତଦ୍ ବ୍ୟତିତ ତାଙ୍କ କୁନିୟତ ଅବୁ ମୁହମ୍ମଦ୍ ଥିଲା ବୋଲି ମଧ୍ୟ ବର୍ଣ୍ଣିତ ଅଛି । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ବାପାଙ୍କ ନାମ ଅମୀର ବିନ୍ ହାଶିମ୍ ଓ ମାଆଙ୍କ ନାମ ଖନ୍ନାସ ବା ହନ୍ନାସ ବିନ୍‌ତେ ମାଲିକ୍ ଥିଲା ଯିଏ ମକ୍କାର ଜଣେ ଧନୀ ମହିଳା ଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ମାଆ ବାପା ତାଙ୍କୁ ବହୁତ ଭଲ ପାଉଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ମାଆ ତାଙ୍କୁ ବହୁତ ଗେଲବସର କରି ପାଳିଥିଲେ । ସେ ତାଙ୍କୁ ଉତମ ଓ ଉଚ୍ଚକୋଟିର ବସ୍ତ୍ର (ପୋଷାକ) ପିନ୍ଧାଉ ଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ମକ୍କାରେ ମଲୁଥିବା ସବୁଠାରୁ ଉତମ କିସମର ଅତର ବ୍ୟବହାର କରୁଥିଲେ ଏବଂ ହଜ୍‌ରେ ମୌତ୍‌ଠାରେ ନିର୍ମିତ ହଜ୍‌ରମି ଯୋତା ପିନ୍ଧୁଥିଲେ ତାହା ଧନି ବ୍ୟକ୍ତିଙ୍କ ପାଇଁ ବିଶେଷରୂପେ ତିଆରି କରାଯାଉଥିଲା । ହଜ୍‌ରେ ମୌତ୍ ହେଉଛି ଅଦନ୍‌ଠାରୁ ପୂର୍ବରେ ଅବସ୍ଥିତ ସମୁଦ୍ର ନିକଟରେ ଥିବା ଏକ ବିଶାଳ ଇଲାକା । ସେ ଯାହା ହେଉ ସେ ଉଚ୍ଚକୋଟିର ବସ୍ତ୍ର, ଉଚ୍ଚକୋଟିର ଅତର (ସୁଗନ୍ଧ) ଏବଂ ଉଚ୍ଚକୋଟିର ଯୋତା ବାହାରୁ ମଗାଇ ପିନ୍ଧୁଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ସ୍ତ୍ରୀଙ୍କ ନାମ ହମ୍‌ନା ବିନ୍‌ତେ ଯହଶ ଥିଲା । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ପତ୍ନୀ ପବିତ୍ର ଉମ୍ମୁଲ୍ ମୁମିନିନ୍ ହଜ୍‌ରତ୍ ଜୈନବ୍ ବିନ୍‌ତେ ଯହଶ୍‌ଙ୍କ ଭଉଣୀ ଥିଲେ । ହମ୍‌ନା ବିନ୍‌ତେ ଯହଶ୍‌ଙ୍କ ଗର୍ଭରୁ ଏକ ଝିଅ ଜୈନବ୍ ଜନ୍ମ ହେଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ଯେବେ ମନେ ପକାଇଥିଲେ ସେତେବେଳେ ଏକଥା କହୁଥିଲେ ଯେ ମୁଁ ମୁସ୍‌ଅବ୍‌ଙ୍କଠାରୁ ଅଧିକା ସୁନ୍ଦର ଓ ଗେଲବସର ଏବଂ ସୁଖ ସମୃଦ୍ଧିରେ ବଢ଼ିଥିବା ବ୍ୟକ୍ତି ଆଉ କାହାକୁ ଦେଖିନାହିଁ ।

*(ତବ୍‌କାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୮୫-୮୬ "ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ" ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବାଃ...... ଖଣ୍ଡ-୫, ପୃ-୧୭୫........ ବେରୁତ ଲେବ୍‌ନାନ୍ ୨୦୦୩) (ସିରସ୍ ସାହାବାଃ....... ଖଣ୍ଡ-୧, ପୃ-୨୭୦-୨୭୫....... କରାଚି ୨୦୦୪) (ଉସଦୁଲ୍ ଗାବାଃ....... ଖଣ୍ଡ-୭, ପୃ-୭୧ "ହମ୍‌ନାଃ ବିନ୍‌ତେ ଯହଶ୍" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୩) (ମୁଅଯମୁଲ୍ ବୁଲ୍‌ବାନ୍ ଖଣ୍ଡ-୨, ପୃ-୧୫୭........ ବେରୁତ)*

ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ମହାମାନ୍ୟ ସନ୍ତାଷ୍ଟଦ ସାହାସୀ ମାନଙ୍କ ମଧ୍ୟରୁ ଥିଲେ । ପ୍ରାରମ୍ଭରୁ ହିଁ ସେ ଇସ୍‌ଲାମ୍ ଗ୍ରହଣ କରି ସାବିକିନ୍ ( ଅର୍ଥାତ ପ୍ରାଥମିକ ମୁସଲମାନ ଭାବେ) ସାମିଲ ହୋଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ଦାରେ ଅର୍‌କମ୍‌ଠାରେ ତବ୍‌ଲିଗ୍ କରୁଥିଲେ ସେତେବେଳେ ସେ ଇସ୍‌ଲାମ୍ ଗ୍ରହଣ କରିଥିଲେ । କିନ୍ତୁ ନିଜ ମାଆ ଓ ନିଜ ସମ୍ପ୍ରଦାୟର ଲୋକମାନଙ୍କ ବିରୋଧ ଯୋଗୁଁ ସେ ଏହାକୁ ଗୋପନ ରଖିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ଲୁଚି ଲୁଚି ନବି କରିମ୍ ସ:ଆ:ସଙ୍କ ଗୋଚରେ ହାଜିର ହେଉଥିଲେ । ଏକଦା ଉସ୍‌ମାନ୍ ବିନ୍ ତଲ୍‌ହା ର:ଅ ତାଙ୍କୁ ନମାଜ ପଢ଼ିବାର ଦେଖିନେଲେ ଓ ତାଙ୍କ ଘର ଲୋକମାନଙ୍କୁ ଓ ତାଙ୍କ ମାଆଙ୍କୁ ଖବର କରିଦେଲେ ଫଳତଃ ତାଙ୍କ ମାଆବାପା ତାଙ୍କୁ ବନ୍ଦି କରିଦେଲେ । ସେ ହିଜ୍‌ରତ୍ କରି ହବ୍‌ଶା ଚାଲିଯିବା ପର୍ଯ୍ୟନ୍ତ ବନ୍ଦି ହୋଇ ରହିଲେ । ତାଙ୍କୁ ମଉକା ମିଳିଗଲା, ବାହାରକୁ ଚାଲି ଆସିଲେ ପୁଣି ହିଜ୍‌ରତ୍ କରି ଚାଲିଗଲେ । କିଛି ଦିନ ଅନ୍ତେ କେତେକ ମୁହାଜିର ହବ୍‌ଶାରୁ ମକ୍କା ଲେଉଟି ଆସିଲେ, ସେମାନଙ୍କ ସହିତ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ମଧ୍ୟ ସାମିଲ ଥିଲେ । ତାଙ୍କ ମାଆ ଯେତେବେଳେ ତାଙ୍କର ଏପରି ଅସହାୟ ଅବସ୍ଥାକୁ ଦେଖିଲେ, ସେ ତାଙ୍କର ବିରୋଧ କରିବା ଛାଡ଼ିଦେଲେ ଓ ପୁତ୍ରଙ୍କୁ ତାଙ୍କ ରାସ୍ତାରେ ଛାଡ଼ିଦେଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ଦୁଇଟି ହିଜ୍‌ରତ୍ କରିବାର ସୌଭାଗ୍ୟ ମିଳିଛି । ସେ ପ୍ରଥମେ ହବ୍‌ଶା ତା'ପରେ ମଦିନା ଆଡ଼କୁ ହିଜ୍‌ରତ୍ କରିଥିଲେ ।

*(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୮୬........ ଲେବ୍‌ନାନ୍ ୧୯୯୦) (ଉସଦୁଲ୍ ଗାବାଃ..... ଖଣ୍ଡ-୫, ପୃ-୧୭୫ ବେରୁତ ଲେବ୍‌ନାନ୍ ୨୦୦୩)* ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର

ର:ଅଙ୍କୁ ମୁଁ ସୁଖ ସମୃଦ୍ଧିର ଜୀବନ ବିତାଇବାରେ ମଧ୍ୟ ଦେଖିଛି ଏବଂ ମୁସଲମାନ ହେବା ପରବର୍ତୀ ଅବସ୍ଥା ମଧ୍ୟ ଦେଖିଛି । ଇସ୍‌ଲାମ୍ ଖାତିର ସେ ଏତେ ଦୁଃଖ କଷ୍ଟ ସହିଛନ୍ତି ଯେ ମୁଁ ଏମିତି ଅବସ୍ଥାରେ ତାଙ୍କୁ ଦେଖିଛି ଯେ ତାଙ୍କ ଶରୀରରୁ ଚମଡ଼ା ଏପରି ବାହାରୁଥିଲା ଯେମିତି ସାପର କାତି ବାହାରିଥାଏ ଓ ତା ସ୍ଥାନରେ ନୂଆ କାତି ଆସିଯାଇଥାଏ । *(ସିରତୁନ୍ ନବୱିୟା ଲି ଇବ୍‌ନେ ଇସ୍‌ହାକ୍ ପୃ-୨୩୦........... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୪)*

ତାଙ୍କର ଏହି କୁର୍‌ବାନୀ (ବଳିଦାନ) ଏତେ ଉଚ୍ଚସ୍ତରର ଥିଲା ଯେ ତାହା ଆଶ୍ଚର୍ଯ୍ୟ ଚକିତ କରିଦେଉଛି ।

ଦିନେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ । ସେ ସମୟରେ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କ ମେଳରେ ବସିଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ବଦନରେ ସେତେବେଳେ ଚମଡ଼ାରେ ତାଳି ପଡ଼ିଥିବା ବସ୍ତ୍ର ଥିଲା । କେଉଁଠି ସେ ଉଚ୍ଚକୋଟି ବାସ ପରିଧାନ କରୁଥିଲେ ଓ ଏବେ ସେ ଏପରି ଅବସ୍ଥାରେ ଉପନିତ ଯେ ଚମଡ଼ାରେ ତାଳି ପଡ଼ିଥିବା ଫଟା ବସ୍ତ୍ର ପରିଧାନ କରୁଛନ୍ତି । ସାହାବାମାନେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ଦେଖି ମୁଣ୍ଡ ନୁଆଁଇ ଦେଲେ ଯେ ସେମାନେ ମଧ୍ୟ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କ ଏପରି ପରିବର୍ତୀତ ଅବସ୍ଥାରେ କୌଣସି ସାହାଯ୍ୟ କରିପାରୁନଥିଲେ । ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ଆସି ଇସ୍‌ଲାମ୍ ଗ୍ରହଣ କଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ସ୍ୱାଗତ କଲେ ଓ ତାଙ୍କର ଭବ୍ୟ ପ୍ରଶଂସା କଲେ । ପୁଣି କହିଲେ ଯେ ଅଲ୍‌ହମ୍‌ଦୁଲିଲ୍ଲାଃ ସଂସାରବାସୀଙ୍କୁ ତାଙ୍କ ସଂସାର ମିଳୁ । ମୁଁ ମୁସ୍‌ଅବ୍‌ଙ୍କୁ ସେ ସମୟରେ ଦେଖିଛି ଯେତେବେଳେ ମକ୍କା ସହରରେ ତାଙ୍କଠାରୁ ଅଧିକ ଧନବାନ ଓ ବୈଭବପୁର୍ଣ୍ଣ ବ୍ୟକ୍ତି କେହି ନଥିଲେ । ସେ ମାଆ ବାପାଙ୍କର ଅଲିଅଳ ସନ୍ତାନ ଥିଲେ କିନ୍ତୁ ଖୁଦା ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ତାଙ୍କର ପ୍ରେମଭାବ ଆଜି ତାଙ୍କୁ ଏପରି ପରିସ୍ଥିତିରେ ପହଂଚାଇ ଦେଇଛି । ସେ ସମସ୍ତପ୍ରକାରର ସୁଖ ଓ ଭୋଗବିଳାସକୁ ଖୁଦାଙ୍କ ସାନ୍ନିଧ୍ୟ ପାଇବା ପାଇଁ ପରିତ୍ୟାଗ କରିଛନ୍ତି ।

*(ତବକାତୁଲ୍ କୁବ୍‌ରା....... ଖଣ୍ଡ-୩, ପୃ-୮୬ "ମୁସ୍‌ଅବ୍ ବିନ୍ ଅମୀର୍" ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦)*

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ସୁଖ ଓ ଭୋଗ ବିଳାସର ଅବସ୍ଥାକୁ ମନେ ପକାଇଲେ କାନ୍ଦିବାକୁ ଲାଗିଲେ । ତାଙ୍କୀ ପୂର୍ବର ଅବସ୍ଥା ବିଷୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମନେପଡ଼ିଗଲା ଯେ କିପରି ସେ ଏବେ କୁର୍ବାନୀ କରୁଛନ୍ତି ।

ହଜ୍‌ରତ୍ ଅଲୀ ର:ଅଙ୍କଠାରୁ ବର୍ଣ୍ଣିତ ଯେ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ମସ୍‌ଜିଦ୍‌ରେ ବସିଥିଲୁ ଯେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ଆସିଲେ । ତାଙ୍କ ଶରୀରରେ ଚମଡ଼ାର ତାଳି ପଡ଼ିଥିବା ଏକ ଚାଦର ଥିଲା । ଯେବେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଦେଖିଲେ ସେତେବେଳେ ତାଙ୍କର ସେହି ସୁଖ ଓ ଭୋଗ ବିଳାସରେ ଜୀବନ ବିତାଇଥିବା ସମୟକୁ ମନେ ପକାଇ କାନ୍ଦିବାକୁ ଲାଗିଲେ, ସେ ପ୍ରଥମେ କିପରି ଜୀବନଯାପନ କରୁଥିଲେ କିନ୍ତୁ ବର୍ତମାନ ତାଙ୍କର ଏପରି ଅବସ୍ଥା ଆସିଯାଇଛି । ପୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ତୁମର ଅବସ୍ଥା ସେତେବେଳେ କିପରି ହେବ ଯେତେବେଳେ ତୁମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସକାଳେ ହଳେ ବସ୍ତ୍ର ପରିଧାନ କରୁଥିବ ତ ସଂନ୍ଧ୍ୟାରେ ଆଉ ହଳେ ପରିଧାନ କରୁଥିବ । ଅର୍ଥାତ ଏତେ ମାତ୍ରାରେ ସ୍ୱଚ୍ଛଳତା ଆସିଯାଇଥିବ ଯେ ସକାଳେ ସଂନ୍ଧ୍ୟାରେ ତୁମେ ବସ୍ତ୍ର ବଦଳାଇ ପିନ୍ଧୁଥିବ । ପୁଣି ଆପଣ ସ:ଆ:ସ କହିଲେ ଯେ ତା ସମ୍ମୁଖରେ ଖାଦ୍ୟଭରା ଏକ ପାତ୍ର ରଖାଯିବ ତ ଦ୍ୱିତୀୟ ପାତ୍ର ଉଠାଇ ଦିଆଯିବ । ଅର୍ଥାତ ଖାଦ୍ୟ ମଧ୍ୟ ଭଳି ଭଳିକା ହେବ । ଏବଂ ଭିନ୍ନ ଭିନ୍ନ Courses ସାମନାକୁ ଆସୁଥିବ ଯେମିତି ଆଜିକାଲରି ପ୍ରଥା ପ୍ରଚଳନ ଅଛି । ତୁମେମାନେ ନିଜ ଘରେ ଏପରି ପର୍ଦ୍ଦା (ଚାଦର) ଲଟକାଇବ ଯେମିତି ଚାଦର କାବା ଉପରେ ପଡ଼ିଥାଏ । ବହୁତ ମହଙ୍ଗା ପରଦା ବ୍ୟବହାର କରାଯିବ । ଏହା ବିଲ୍‌କୁଲ୍ ଆଜିର ସମାଜର ଦୃଶ୍ୟ । ଯାହା ମୁସଲମାନମାନଙ୍କୁ ପରେ ହାସଲ ହେଲା । ସାହାବାମାନେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ । କଣ ଆମେ ସେତେବେଳେ ଆଜିଠାରୁ ଉତମ ସ୍ଥିତିରେ ଥିବୁ ଓ ଉପାସନା କରିବାପାଇଁ ସମୟ ପାଇବୁ । ଅର୍ଥାତ ଏମିତି ଖୋଲା ସମୟ ମିଳିବ ଓ ପରିଶ୍ରମ ଏବଂ ଅସୁବିଧାରୁ ବଂଚିଯିବୁ ? ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ନୁହେଁ ବରଂ ତୁମର ବର୍ତମାନ ପରିସ୍ଥିତି ସେ ଦିନଠାରୁ ଉତମ ଅଟେ ।

*(ସୁନନେ ତିରିମିଜି.......... ହଦିସ୍ ୨୪୭୬)* ତୁମର ଅବସ୍ଥା, ତୁମର ଇବାଦତ୍, ତୁମର ସ୍ତର ତା'ଠାରୁ ବହୁତ ଉଚ୍ଚ ସ୍ତରରେ ରହିଛି, ଯେଉଁ ସୁବିଧା ତୁମକୁ ପରେ ମିଳିବାକୁ ଅଛି ।

ସିରତ୍ ଖାତମୁନ୍ ନବିଇନ୍ ପୁସ୍ତକରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ହବ୍‌ଶା ହିଜ୍‌ରତ୍ କରିବା ସମ୍ବନ୍ଧରେ ଲେଖିଛନ୍ତି ତା ଭିତରୁ ମୁଁ କିଛିଟା ପୂର୍ବରୁ ଅନ୍ୟ ସାହାବାମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିସାରିଛି, ଏବେ ସଂକ୍ଷିପ୍ତରେ ବର୍ଣ୍ଣନା କରୁଛି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶରେ ୫ ନବୱି ରଜବ୍ ମାସରେ ୧୧ ଜଣ ପୁରୁଷ ଏବଂ ୪ଜଣ ମହିଳା ହବ୍‌ସା ଆଡ଼କୁ ହିଜ୍‌ରତ୍ କଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ମଧ୍ୟ ସାମିଲ ଥିଲେ । ପୁଣି ସେ ଲେଖିଛନ୍ତି ଯେ, ଆଶ୍ଚର୍ଯ୍ୟର କଥା କି, ସେହି ପ୍ରାରମ୍ଭିକ ମୁହାଜିର୍ ମାନଙ୍କ ମଧ୍ୟରେ ଅଧିକ ସଂଖ୍ୟକ ସେହି ଲୋକମାନେ ଥିଲେ ଯେଉଁମାନେ କୁରେଶର ଶକ୍ତିଶାଳି କବିଲା ସହିତ ସମ୍ବନ୍ଧ ରଖିଥିଲେ । ଦୁର୍ବଳ ଶ୍ରେଣୀର ଲୋକେ ବହୁତ କମ୍ ଥିଲେ ଏଥିରୁ ଦୁଇଟି କଥା ଜଣାପଡୁଛି ପ୍ରଥମତଃ ଶକ୍ତିଶାଳି କବିଲା ସହିତ ସମ୍ପର୍କ ରଖିଥିବା ଲୋକମାନେ ମଧ୍ୟ କୁରେଶର ଅତ୍ୟାଚାରରୁ ସୁରକ୍ଷିତ ନଥିଲେ ଦ୍ୱିତୀୟତଃ ଦୁର୍ବଳ ଗୋଷ୍ଠୀର ଲୋକମାନେ ଉଦାହରଣ ସ୍ୱରୁପ ଗୁଲାମ ଇତ୍ୟାଦି ଲୋକମାନେ ସେତେବେଳେ ଏତେ ଦୁର୍ବଳ ଅବସ୍ଥାରେ ଓ ଅସହାୟ ଅବସ୍ଥାରେ ଥିଲେ ଯେ, ସେମାନଙ୍କର ହିଜ୍‌ରତ୍ କରିବାପାଇଁ ଶକ୍ତି ନଥିଲା । ସେ ଯାହା ହେଉ ମକ୍କାର କୁରେଶ୍ ଯେତେବେଳେ ଏମାନଙ୍କର ହିଜ୍‌ରତ୍ କରିବା ବିଷୟରେ ଜାଣିପାରିଲେ, ସେମାନେ ଭୀଷଣ ରାଗିଗଲେ ଯେ, ଏହି ଶିକାର ହାତଛଡ଼ା ହୋଇଗଲା । ସୁତରାଂ ସେମାନେ ଏହି ମୁହାଜିର୍ ମାନଙ୍କ ପଛରେ ଅନୁଧାବନ କଲେ କିନ୍ତୁ ଯେତେବେଳେ ସେମାନଙ୍କ ଲୋକେ ସମୁଦ୍ରକୂଳ ରେ ପହଂଚିଲେ । ଜାହାଜଟି ଚାଲିଯାଇଥିଲା ଫଳତଃ ସେମାନେ ଅସଫଳ ହୋଇ ଲେଉଟି ଆସିଲେ । ହବ୍‌ସାରେ ପହଂଚି ମୁସଲମାନମାନଙ୍କୁ ବହୁତ ଶାନ୍ତି ଅନୁଭବ ହେଲା ଓ ଜେଣେତେଣେ ପ୍ରକାରର ସେମାନଙ୍କୁ କୁରେଶ୍‌ର ଅତ୍ୟାଚାରରୁ ମୁକ୍ତି ମିଳିଗଲା ।

*(ସିରତ୍ ଖାତମୁନ୍ ନବିଇନ୍......... ପୃଷ୍ଠା-୧୪୬ ରୁ ୧୪୭)*

ବୟତେ ଅକ୍‌ବା ଉଲା ଅବସରରେ ମଦିନାରୁ ଆସିଥିବା ୧୨ ଜଣ ସଦସ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ହାତରେ ବୟତ କଲେ । ଯେତେବେଳେ ଏହି ଲୋକମାନେ ମଦିନା ଫେରିଯିବାକୁ ଲାଗିଲେ ସେତେବେଳେ ନବୀ କରିମ୍ ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ସେମାନଙ୍କ ସାଥିରେ ପଠାଇଦେଲେ । ଯଦ୍ୱାରା ସେ ସେହି ମଦିନାର ଲୋକମାନଙ୍କୁ କୁର୍‌ଆନ୍ ପଢ଼ାଇବେ ଓ ଇସ୍‌ଲାମ୍‌ର ଶିକ୍ଷା ଦେବେ । ମଦିନାରେ ସେ କାରୀ, ମୁକ୍‌ରି ଏବଂ ଉସ୍ତାଦ ନାମରେ ପ୍ରଶିଦ୍ଧ ହୋଇଗଲେ ।

*(ଉସ୍‌ଦୁଲ୍ ଗାବାଃ.......... ଖଣ୍ଡ-୫, ପୃ-୧୭୫ ରୁ ୧୭୬......... ବେରୁତ ଲେବ୍‌ନାନ୍ ୨୦୦୩) (ଅଲ୍ ଇସ୍‌ତିଆବ୍...... ଖଣ୍ଡ-୪, ପୃ-୩୭..... ବେରୁତ ଲେବ୍‌ନାନ୍ ୨୦୧୦) (ସିରତୁଲ୍ ନବୱିୟା......... ପୃ-୧୯୯......... ବେରୁତ ଲେବ୍‌ନାନ୍ ୨୦୦୯)*

ମୁକ୍‌ରି ଅର୍ଥାତ ଶିକ୍ଷକ ନାମରେ ସେ ପ୍ରଶିଦ୍ଧ ହୋଇଗଲେ ଆଉ ଗୋଟିଏ ରିୱାୟତ ମୁତାବକ ଅଓସ୍ ଏବଂ ଖଜ୍‌ରଜ୍‌ର ଅନ୍‌ସାର ମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ନିବେଦନ କଲେ ଯେ, କୌଣସି ବ୍ୟକ୍ତିଙ୍କୁ ଆମ ନିକଟକୁ କୁର୍‌ଆନ୍ ପଢ଼ାଇବା ପାଇଁ ପଠାନ୍ତୁ ଏଥିରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅଙ୍କୁ ପଠାଇଲେ ।

*(ତବକାତୁଲ୍ କୁବ୍‌ରା.......... ଖଣ୍ଡ-୧, ପୃ-୧୭୧...... ବେରୁତ ଲେବ୍‌ନାନ୍ ୧୯୯୦)*

ମଦିନାରେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜୁରାରାଃ ର:ଅଙ୍କ ଘରେ ରହିଲେ । ସେ ନମାଜରେ ଇମାମତି କରିବାର ଦାୟିତ୍ୱ ମଧ୍ୟ ତୁଲାଉଥିଲେ ।

*(ସିରତୁଲ୍ ନବୱିୟା......... ପୃ-୧୯୯......... ବେରୁତ ୨୦୦୯)*

ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ବହୁଦିନ ପର୍ଯ୍ୟନ୍ତ ହଜ୍‌ରତ ଅସ୍‌ଅଦ୍ ବିନ୍ ଜୁରାରାଃ ର:ଅଙ୍କ ଘରେ ରହିଲେ । କିନ୍ତୁ ପରିବର୍ତୀ ସମୟରେ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ର:ଅଙ୍କ ଘରକୁ ଚାଲିଗଲେ ।

*(ସିରସ୍ ସାହାବା ଲେଖକ ଶାହ୍ ମଇନୁଦ୍ଦିନ୍ ଅହମଦ୍ ନଦୱି ଖଣ୍ଡ-୨, ଭାଗ-୧, ପୃ-୨୭୨......... କରାଚୀ ୨୦୦୪)*

ହଜ୍‌ରତ୍ ବରାଅ ବିନ୍ ଆଜିବ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ନବୀ କରିମ୍ ସ:ଆ:ସଙ୍କ ମୁହାଜରିମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଯିଏ ଆମ ନିକଟକୁ ମଦିନା ଆସିଥିଲେ ସେ ଥିଲେ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ଏବଂ ଇବ୍‌ନେ ଉମ୍ମେ ମକ୍‌ତୁମ୍ ର:ଅ । ଏହି ଦୁଇଜଣ ସାହାବା ମଦିନାରେ ପହଂଚି ଆମକୁ ପବିତ୍ର କୁର୍‌ଆନ୍ ପଢ଼ାଇବା ଆରମ୍ଭ କରିଦେଲେ । ପୁଣି ଅମାର୍ ର:ଅ, ବିଲାଲ୍ ର:ଅ ଏବଂ ସାଆଦ୍ ର:ଅ ଆସିଲେ ପୁଣି ହଜ୍‌ରତ୍ ଉମର୍ ବିନ୍ ହତାବ୍ ର:ଅ ମଧ୍ୟ ସାହାବା ମାନଙ୍କୁ ସାଥିରେ ନେଇ ଆସିଲେ । ତା'ପରେ ନବୀ କରିମ୍ ସ:ଆ:ସ ମଦିନା ପହଂଚିଲେ । ସେ କହୁଛନ୍ତି ଯେ, ମୁଁ କେବେ ମଦିନାର ଲୋକମାନଙ୍କୁ ଏତେ ଖୁସୀ ହେବାର ଦେଖି ନଥିଲି ଯେତେ ଖୁସି ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଗମନ ହେବାରେ ହୋଇଥିଲେ । ଛୋଟ ଛୋଟ ପୁଅଝିଅମାନେ ମଧ୍ୟ କହୁଥିଲେ ଯେ, ଆପଣ ହଉଛନ୍ତି ଅଲ୍ଲାଃଙ୍କ ରସୁଲ୍ ଓ ଆମ ନିକଟକୁ ଆସିଛନ୍ତି ।

*(ସହୀ ବୁଖାରି କିତାବ୍ ତଫ୍‌ସିରୁଲ୍ କୁର୍‌ଆନ୍ ବାବ୍ ସୁରତୁଲ୍ ଆଲା ହଦୀସ୍ ୪୯୪୧)*

ସିରତ୍ ଖାତମୁନ୍ ନବିଇନ୍ ପୁସ୍ତକରେ ହଜ୍‌ରତ ମିର୍ଜା ବଶୀର ଅହେମଦ୍ ସାହେବ୍

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ର:ଅ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ସମ୍ବନ୍ଧରେ ଆହୁରି ଅଧିକ କିଛି ବର୍ଣ୍ଣନା କରି ଲେଖୁଛନ୍ତି ଯେ,

"ଦାରେ ଅର୍‌କମ୍‌ଠାରେ ଯେଉଁ ଲୋକମାନେ ଇମାନ୍ ଆଣିଥିଲେ ସେମାନେ ମଧ୍ୟ ସାବିକିନ୍ (ଅର୍ଥାତ ସର୍ବପ୍ରଥମ ମୁସଲମାନ) ମାନଙ୍କ ମଧ୍ୟରେ ଗଣା ହେଉଥିଲେ । ସେମାନଙ୍କ ମଧ୍ୟରେ ଇଏ ବହୁତ ପ୍ରଶିଦ୍ଧ ଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ବନୁ ଅବଦୁଲ୍‌ଦାର୍ ର ଥିଲେ ବହୁତ ବଳିଷ୍ଠ ଓ ସୁନ୍ଦର ବ୍ୟକ୍ତି ଥିଲେ ଓ ନିଜ କୁଟୁମ୍ବରେ ସେ ଅତ୍ୟନ୍ତ ପ୍ରୀୟ ଓ ଅଲିଅଳ ଭାବେ ବିବେଚନା କରାଯାଉଥିଲେ । ସେ ହେଉଛନ୍ତି ସେହି ଯୁବକ ପ୍ରତିଷ୍ଠିତ ବ୍ୟକ୍ତି ଯିଏ ହିଜ୍‌ରତ୍ କରିବା ପୂର୍ବରୁ ୟସ୍‌ରବ୍‌ରେ ସର୍ବପ୍ରଥମେ ଇସ୍‌ଲାମିକ୍ ମୁବ୍‌ଲିଗ୍ ରୂପେ ବନାଇ ପଠାଯାଇଥିଲେ ଏବଂ ତାଙ୍କ ଜରିଆରେ ମଦିନାରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ହେଲା

*(ସିରତ୍ ଖାତ୍‌ମୁନ୍ ନବିଇନ୍...... ପୃ-୧୨୯)*

ପୁଣି ଆଉ ଏକ ସିରତ୍‌ର ପୁସ୍ତକରେ ଉଲ୍ଲେଖ ଅଛି ଯେ, ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ମଦିନାରେ ପ୍ରଥମ ବ୍ୟକ୍ତି ଥିଲେ ଯିଏ ହିଜ୍‌ରତ୍ ପୂର୍ବରୁ ଜୁମା ପଢ଼ାଇଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ବୟତେ ଅକ୍‌ବା ସାନିଆ ପୂର୍ବରୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ମଦିନାରେ ଜୁମା ନମାଜ ପଢ଼ାଇବା ପାଇଁ ଅନୁମତି ମାଗିଥିଲେ । ହଜୁର ସ:ଆ:ସ ଅନୁମତି ଦେଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ମଦିନାରେ ହଜ୍‌ରତ୍ ସାଆଦ୍ ବିନ୍ ଖୈସମା ର:ଅଙ୍କ ଘରେ ପ୍ରଥମେ ଜୁମା ପଢ଼ାଇଲେ ସେଥିରେ ମଦିନାର ୧୨ ଜଣ ସଦସ୍ୟ ସାମିଲ ହୋଇଥିଲେ ଏହି ଅବସରରେ ସେମାନେ ଗୋଟିଏ ଛେଳି ଜେଭ୍ କରିଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ଇସ୍‌ଲାମ୍‌ର ପ୍ରଥମ ବ୍ୟକ୍ତି ଥିଲେ ଯିଏ ଜୁମା ପଢ଼ାଇଛନ୍ତି । କିନ୍ତୁ ଆଉ ଗୋଟିଏ ରିୱାୟତ ମଧ୍ୟ ଅଛି ତା' ମୁତାବକ ହଜ୍‌ରତ୍ ଅବୁ ଉମାମା ଅସ୍‌ଅଦ୍ ବିନ୍ ଜରାରାଃ ର:ଅ ମଦିନାରେ ପ୍ରଥମ ଜୁମା ପଢ଼ାଇଥିଲେ ବୋଲି ।

*(ତବକାତୁଲ୍ କୁବ୍‌ରା....... ଖଣ୍ଡ-୩, ପୃ-୮୭ ରୁ ୮୮....... ବେରୁତ ଲେବ୍‌ନାନ୍ ୧୯୯୦) (ତବକାତୁଲ୍ କୁବ୍‌ରା ଖଣ୍ଡ-୧, ପୃ-୧୭୧...... ବେରୁତ ଲେବ୍‌ନାନ୍ ୧୯୯୦)*

ସେ ଯାହା ହେଉ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ପ୍ରଥମ ମୁବ୍‌ଲିଗ୍ ହିଁ ଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜୁରାରାଙ୍କୁ ସାଥିରେ ନେଇ ଅନ୍‌ସାରଙ୍କ ବିଭିନ୍ନ ମହଲାରେ ଯାଇ ତବ୍‌ଲିଗ୍ କରୁଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ତବ୍‌ଲିଗ୍ ଦ୍ୱାରା ବହୁତ ସାହାବା ମୁସଲମାନ ହେଲେ ସେହି ସାହାବାମାନଙ୍କ ମଧ୍ୟରେ ବଡ଼ ବଡ଼ ସାହାବାମାନେ ମଧ୍ୟ ଥିଲେ ଉଦାହରଣ ସ୍ୱରୁପ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ର:ଅ, ହଜ୍‌ରତ୍ ଅବାଦ୍ ବିନ୍ ବିଶର୍ ର:ଅ, ହଜ୍‌ରତ୍ ମୁହମ୍ମଦ୍ ବିନ୍ ମସ୍‌ଲମାଃ ର:ଅ ଏବଂ ହଜ୍‌ରତ୍ ଉସୈଦ୍ ବିନ୍ ହୁଜୈର୍ ର:ଅ ଇତ୍ୟାଦି ସାମିଲ ଥିଲେ ।

*(ସିରତୁଲ୍ ନବୱିୟା..... ପୃ-୨୦୦, ପ୍ରଥମ ଖଣ୍ଡ....... ବେରୁତ ୨୦୦୯)(ତବକାତୁଲ୍ କୁବରାଃ ....... ଖଣ୍ଡ-୩, ପୃ-୩୨୧, ୩୨୬, ୩୩୮ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରତୁ ଲେବ୍‌ନାନ୍ ୧୯୯୦)*

ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ତବ୍‌ଲିଗ୍ ପ୍ରଚେଷ୍ଟା ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି ଯେ,

"ମକ୍କାରୁ ଯିବା ସମୟରେ ଏହି ୧୨ଜଣ ନୁଆ ମୁସଲମାନମାନେ ନିବେଦନ କଲେ ଯେ, କୌଣସି ଜଣେ ଇସ୍‌ଲାମିୟ ଶିକ୍ଷକଙ୍କୁ ଆମ ସହିତ ପଠାଯାଉ ଯିଏ ଆମକୁ ଇସ୍‌ଲାମ୍‌ର ଶିକ୍ଷା ଦେବେ ଏବଂ ଆମ ମୁସ୍‌ରିକ୍ ଭାଇ ମାନଙ୍କୁ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବେ ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ପଠାଇଲେ ଯିଏ କବିଲା ଅବଦୁଲ୍ ଦାଆର୍‌ର ଜଣେ ଅତ୍ୟନ୍ତ ଭଦ୍ର ଓ ନିଷ୍ଠାବାନ୍ ଯୁବକ ଥିଲେ । ଯେଉଁମାନେ ସେ ସମୟରେ ଇସ୍‌ଲାମ୍‌ର ତବ୍‌ଲିଗ୍ କରୁଥିଲେ ସେମାନଙ୍କୁ କାରୀ ବା ମୁକ୍‌ରି କୁହାଯାଉଥିଲା କାରଣ ସେମାନଙ୍କର କାମ ଅଧିକାଂଶ ସମୟ ପବିତ୍ର କୋରାନ୍‌କୁ ଶୁଣାଇବାର କାମ ଥିଲା । କାରଣ ଇସ୍‌ଲାମର ତବଲିଗ କରିବାର ଏହା ହିଁ ଉତମ ମାଧ୍ୟମ ଥିଲା । ସୁତରାଂ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ମଧ୍ୟ ୟସ୍‌ରବ୍ (ମଦିନା) ରେ ମୁକ୍‌ରି ନାମରେ ପ୍ରଶିଦ୍ଧ ହୋଇଗଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ମଦିନାରେ ପହଂଚି ଅସ୍‌ଅଦ୍ ବିନ୍ ଜୁରାରାଃଙ୍କ ଘରେ ରହିଲେ ଯିଏ ମଦିନାର ସର୍ବପ୍ରଥମ ମୁସଲମାନ ଥିଲେ ଓ ଏପରି ମଧ୍ୟ ସେ ଜଣେ ଅତ୍ୟନ୍ତ ନିଷ୍ଠାବାନ୍ ଓ ପ୍ରଭାବଶାଳୀ ବୟଜ୍ୟେଷ୍ଠ ବ୍ୟକ୍ତି ଥିଲେ । ସେ ତାଙ୍କ ଘରକୁ ନିଜର ତବ୍‌ଲିଗ୍ ସେଂଟର ବନାଇଲେ ଏବଂ ନିଜ ଦାୟିତ୍ୱକୁ ନିର୍ବାହ କରିବାପାଇଁ ଅହ୍‌ରହ୍ ଲାଗି ରହିଲେ । ଯେହେତୁ ମଦିନାରେ ମୁସଲମାନମାନଙ୍କୁ ସାମୁହିକ ଜିବନ ବିତାଇବାର ସୌଭାଗ୍ୟ ମିଳିଥିଲା ଓ ସେଠାରେ ତାଙ୍କୁ ତୁଳନାତ୍ମକ ରୂପେ ଶାନ୍ତିପୂର୍ଣ୍ଣ ଜୀବନଯାପନ ଥିଲା । ତେଣୁ ଅସ୍‌ଅଦ୍ ବିନ୍ ଜରାରାଃ ର:ଅଙ୍କ ପରାମର୍ଶରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ଜୁମା ନମାଜ ପଢ଼ାଇବାପାଇଁ ନିର୍ଦ୍ଦେଶ ଦେଲେ । ଏହିଭଳି ମୁସଲମାନମାନଙ୍କର ସାମୁହିକ ଜୀବନର ସୁଭାରମ୍ଭ ହୋଇଗଲା ଓ ଅଲ୍ଲାଃ ତାଲାଙ୍କର ଏପରି କୃପା ହୋଇଗଲା ଯେ, ଅଳ୍ପକିଛି ଦିନ ଭିତରେ ମଦିନାର ଘରେ ଘରେ ଇସ୍‌ଲାମ୍‌ର ଚର୍ଚ୍ଚା ହେବାକୁ ଲାଗିଲା ଅଓସ୍ ଏବଂ ଖଜ୍‌ରଜ୍‌ର ଲୋକମାନେ ଖୁବ୍ ଶିଘ୍ର ମୁସଲମାନ ହେବାକୁ ଆରମ୍ଭ କରିଦେଲେ । କେତେକ ପରିସ୍ଥିତିରେ ତ ସମ୍ପୁର୍ଣ୍ଣ କବିଲା ଗୋଟିଏ ଦିନରେ ହିଁ ମୁସଲମାନ ହୋଇଯାଉଥିଲା । ସୁତରାଂ ବନୁ ଅବ୍‌ଦାରୁ ଅଶ୍‌ହଲ୍ ର କବିଲା ମଧ୍ୟ ଏହିପରି ଗୋଟିଏ ସମୟରେ ହିଁ ସମ୍ମିଳିତ ଭାବେ ମୁସଲମାନ ହୋଇଯାଇଥିଲା । ଏହି କବିଲା ଅନ୍‌ସାରଙ୍କ ପ୍ରଶିଦ୍ଧ କବିଲା ଅଓସ୍‌ର ଏକ ଅଗ୍ରଣୀ କବିଲା ଥିଲା ତାଙ୍କ ରଇସ୍‌ର ନାମ ସାଆଦ୍ ବିନ୍ ମୁଆଜ୍ ଥିଲା ଯିଏ କେବଳ ବନୁ ଅବ୍‌ଦଲ୍ ଅସହଲ୍ କବିଲାର ବଡ଼ ରଇସ୍ ନଥିଲେ ବରଂ ସମ୍ପୁର୍ଣ୍ଣ ଅଓସ୍ କବିଲାର ସର୍ଦ୍ଦାର ମଧ୍ୟ ଥିଲେ । ଯେତେବେଳେ ମଦିନାରେ ଇସ୍‌ଲାମ୍‌ର ଚର୍ଚ୍ଚା ହେଲା ସେତେବେଳେ ସାଆଦ୍ ବିନ୍ ମାଆଜ୍‌ଙ୍କୁ ବହୁତ ଖରାପ ଲାଗିଲା ତେଣୁ ସେ ତାକୁ ରୋକିବାପାଇଁ ଚାହିଁଲେ" । ଇସ୍‌ଲାମ୍ ଆଣିବା ପୂର୍ବରୁ ଏହି ସାଆଦ୍ ବିନ୍ ମାଆଜ୍ ର:ଅ ବଡ଼ ବିରୋଧୀ ଥିଲେ । "କିନ୍ତୁ ଅସ୍‌ଅଦ୍ ବିନ୍ ଜୁରାରାଃଙ୍କ ସହିତ ତାଙ୍କର ଅତି ନିକଟ ସମ୍ପର୍କ ଥିଲା ଅର୍ଥାତ ସେ ଜଣେ ଅନ୍ୟ ଜଣକର ମାଉସୀ ପୁଅ ଭାଇ ଥିଲେ ଏବଂ ଅସ୍‌ଅଦ୍ ମୁସଲମାନ ହୋଇଯାଇଥିଲେ, ସେଥିଯୋଗୁଁ ସାଆଦ୍ ବିନ୍ ମୁଆଜ୍ ନିଜେ  ପ୍ରତେକ୍ଷ ରୂପେ ହସ୍ତକ୍ଷେପ କରିବାକୁ ରୋକି ଯାଉଥିଲେ , ଯେ କୌଣସି ପ୍ରକାରର ବଭ୍ରାଟ ସୃଷ୍ଟି ନ ହୋଇଯାଉ । ସୁତରାଂ ସେ ନିଜର ଆଉ ଜଣେ ବନ୍ଧୁ ଉସୈଦ୍ ବିନ୍ ଅଲ୍ ହୁଜୈର୍‌ଙ୍କୁ କହିଲେ ଯେ, ଅସଅଦ୍ ବିନ୍ ଜରାରାଃଙ୍କ ଯୋଗୁଁ ମତେ କିଛି ସଙ୍କୋଚ ହେଉଛି ।" ଅର୍ଥାତ ସେ ମୁସଲମାନ ହୋଇଗଲେଣି ଓ ତାଙ୍କ ସହିତ ତବ୍‌ଲିଗ୍ କାମ ମଧ୍ୟ କରୁଅଛି । "କିନ୍ତୁ ତୁମେ ଯାଇ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ରୋକି ଦିଅ"ଅସଦ୍ ବିନ୍ ଜରାରାଃ ର:ଅଙ୍କୁ ରୋକିବା ପରିବର୍ତେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ରୋକ । "ଅର୍ଥାତ ସେ ଆମ ଲୋକମାନଙ୍କ ମଧ୍ୟରେ ଅଧର୍ମ ପ୍ରଚାର କରନ୍ତୁ ନାହିଁ ଏବଂ ଅସ୍‌ଅଦ୍‌ଙ୍କୁ ମଧ୍ୟ କହିଦିଅ ଯେ, ଏ ମାର୍ଗ ଭଲ ନୁହେଁ । ଉସୈଦ୍ ଅବ୍‌ଦଲ୍ ଅସହଲ୍ କବିଲାର ପ୍ରତିଷ୍ଠିତ ସର୍ଦ୍ଦାରମାନଙ୍କ ମଧ୍ୟରୁ ଥିଲେ ଓ ତାଙ୍କ ବାପା ବୁଆସ୍ ଯୁଦ୍ଧ ସମୟରେ ସମ୍ପୁର୍ଣ୍ଣ ଅଓସ୍‌ର ସର୍ଦ୍ଦାର ରହିସାରିଥିଲେ ଏବଂ ସାଆଦ୍ ବିନ୍ ମୁଆଜ୍‌ଙ୍କ ପରେ ଉସୈଦ୍ ବିନ୍ ଅଲ୍ ହୁଜୈରଙ୍କ ମଧ୍ୟ ନିଜ କବିଲା ଉପରେ ବହୁତ ପ୍ରଭାବ ଥିଲା । ସୁତରାଂ ସାଆଦ୍‌ଙ୍କ କହିବା ଅନୁସାରେ ସେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ଏବଂ ଅସ୍‌ଅଦ୍ ବିନ୍ ଜରାରାଃଙ୍କ ନିକଟକୁ ଗଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ସମ୍ବୋଧନ କରି ରାଗପୂର୍ଣ୍ଣ ଭାବରେ କହିଲେ ତୁମେ କାହିଁକି ଆମ ଲୋକମାନଙ୍କୁ ବିଧର୍ମୀ କରିଚାଲିଛ ? ଏଥିରୁ ନିବୃତ ରୁହ ନ ହେଲେ ପରିଣାମ ଠିକ୍ ହେବ ନାହିଁ । ମୁସ୍‌ଅବ୍ ର:ଅ କିଛି ଉତର ଦେବା ପୂର୍ବରୁ ଅସ୍‌ଅଦ୍ ର:ଅ ଧିରେ ମୁସ୍‌ଅବ୍‌ଙ୍କୁ କହିଲେ ଯେ, ଏ ଆମ କବିଲାର ଜଣେ ପ୍ରଭାବଶାଳୀ ସର୍ଦ୍ଦାର ଅଟନ୍ତି ତେଣୁ ତାଙ୍କ ସହିତ ବହୁତ ନରମରେ ଓ ପ୍ରେମପୂର୍ଣ୍ଣ ଭାବରେ କଥା ହେବ ତେଣୁ ମୁସ୍‌ଅବ୍ ବହୁତ ସମ୍ମାନର ସହିତ ଓ ପ୍ରେମପୂର୍ଣ୍ଣ ଶୈଳୀରେ ଉସୈଦ୍‌ଙ୍କୁ କହିଲେ ଯେ, ଆପଣ ନାରାଜ ହୁଅନ୍ତୁ ନାହିଁ ବରଂ ଦୟା କରନ୍ତୁ ଓ କିଛି ସମୟ ଏଠାରେ ବସନ୍ତୁ ଓ ବହୁତ ଥଣ୍ଡା ମିଜାଜରେ ଆମ କଥାକୁ ଶୁଣନ୍ତୁ ତାହା ପରେ ଯାଇ କୌଣସି ନିଷ୍ପତି ନିଅନ୍ତୁ । ଉସୈଦ୍ ଏକଥାକୁ ଉଚିତ ମଣି ସେଠାରେ ବସିଗଲେ ।" ସେ ଅତ୍ୟନ୍ତ ଭଦ୍ର ପ୍ରକୃତିର ଥିଲେ । "ମୁସ୍‌ଅବ୍ ତାଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇ ଶୁଣାଇଲେ ଓ ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଭାବରେ ଇସ୍‌ଲାମିୟ ଶିକ୍ଷା ବିଷୟରେ ତାଙ୍କୁ ସୂଚନା ଦେଲେ । ଉସୈଦ୍‌ଙ୍କ ଉପରେ ଏକଥା ଏତେ ପ୍ରଭାବ ପକାଇଲା ଯେ, ସେ ସେହିଠାରେ ହିଁ ମୁସଲମାନ ହୋଇଗଲେ ତା'ପରେ କହିଲେ କି, ମୋ ପଛରେ ଜଣେ ଏପରି ଲୋକ ଅଛି ଯଦି ସେ ଇମାନ୍ ନେଇ ଆସନ୍ତି ତେବେ ଆମର ପୁରା କବିଲାଟି ମୁସଲମାନ ହୋଇଯିବ । ତୁମେ ଅପେକ୍ଷା କର ମୁଁ ଏବେ ତାଙ୍କୁ ଏଠାକୁ ପଠାଉଛି । ଏକଥା କହି ଉସୈଦ୍ ସେଠାରୁ ଉଠି ଚାଲିଗଲେ ଓ କୌଣସି ନା କୌଣସି ବାହାନା କରି ସାଆଦ୍ ବିନ୍ ମାଆଜ୍‌ଙ୍କୁ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ଏବଂ ଅସ୍‌ଅଦ୍ ବିନ୍ ଜରାରାଃ ର:ଅଙ୍କ ନିକଟକୁ ପଠାଇଦେଲେ । ସାଆଦ୍ ବିନ୍ ମାଆଜ୍ ବହୁତ ରାଗି ଯାଇ ଆସିଲେ ଏବଂ ଅସ୍‌ଅଦ୍ ବିନ୍ ଜରାରାଃଙ୍କୁ କହିଲେ ଯେ, ଦେଖ ଅସ୍‌ଅଦ୍ ତୁମେ ନିକଟ ସମ୍ପର୍କୀୟ ହୋଇଥିବାରୁ ଏହାର ଦୁରୁପଯୋଗ କରୁଛ ଏକଥା ଠିକ୍ ନୁହେଁ ।" ଏବେ ମୁଁ ବନ୍ଧୁବାନ୍ଧବ ହୋଇଥିବା ଯୋଗୁଁ ଚୁପ ରହିଛି ତେଣୁ ଏଥିରୁ


| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଅନୁଚିତ ଲାଭ ଉଠାଅ ନାହିଁ । "ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ସେହିଭଳି ନମ୍ରତାର ସହିତ ଓ ପ୍ରେମପୂର୍ଣ୍ଣ ଢ଼ଙ୍ଗରେ ତାଙ୍କୁ ଶାନ୍ତ କରାଇଲେ ।" ଯେମିତି ସେ ପୂର୍ବରୁ ମଧ୍ୟ ଏପରି କରିଥିଲେ । "ସେ କହିଲେ ଯେ ଆପଣ ଅଳ୍ପ ସମୟ ଶାନ୍ତ ହୋଇ ମୋ କଥା ଶୁଣନ୍ତୁ ଯଦି ଏଥିରେ କୌଣସି ପ୍ରକାରର ଆପତି କଥା ଥିବ ତେବେ ଅବଶ୍ୟ ଏହାକୁ ରଦ୍ଧ କରିଦିଅନ୍ତୁ । ସାଆଦ୍ କହିଲେ ହଁ ଏକଥା ତ ବୁଦ୍ଧି ସଙ୍ଗତ ସୁତରାଂ ସେ ନିଜର କନ୍ତ ଉପରେ ଭାରା ରଖିକି ବସିଗଲେ ଏବଂ ମୁସଅବ୍ ର:ଅ ସେହିଭଳି ପ୍ରଥମେ ପବିତ୍ର କୋରାନ୍ ପାଠ କଲେ ପୁଣି ନିଜର ସୁନ୍ଦର ଶୈଳିରେ ଇସ୍‌ଲାମ୍‌ର ସିଦ୍ଧାନ୍ତ ଗୁଡ଼ିକୁ ଉପସ୍ଥାପନ କଲେ ଏବେ ଅଳ୍ପ ସମୟ ବିତି ନଥିଲା ଯେ, ସାଆଦ୍ ବିନ୍ ମୁଆଜ୍ ସେ ମଧ୍ୟ ଏକଥାକୁ ଶୁଣି ନିଶ୍ଚିତ ହୋଇଗଲେ ସୁତରାଂ ସାଆଦ୍ ବିଦ୍ଧି ମୁତାବକ ଗାଧୋଇ ପାଧୋଇ କଲ୍‌ମାଏ ଶାହାଦତ୍ (ଅର୍ଥାତ ଈଶ୍ୱର ଏକ ଓ ଅଦ୍ୱିତୀୟ ଏବଂ ମୁହମ୍ମଦ ସ:ଆ:ସ ହେଉଛନ୍ତି ତାଙ୍କର ଦୁତ) କୁ ପଢ଼ିଲେ ପୁଣି ତା'ପରେ ସାଆଦ୍ ବିନ୍ ମୁଆଜ୍ ଏବଂ ଉସୈଦ୍ ବିନ୍ ଅଲ୍ ହୁଜୈର୍ ଦୁଇଜଣଯାକ ମିଶି ନିଜ କବିଲାର ଲୋକମାନଙ୍କ ନିକଟକୁ ଗଲେ । ସାଆଦ୍ ର:ଅ ସେମାନଙ୍କ ସହିତ ଖାସ୍ ଆରବୀ ଶୈଳୀରେ ବାର୍ତାଳାପ କରି ପଚାରିଲେ ଯେ, ହେ ବନି ଅବ୍‌ଦଲ୍ ଅଶ୍‌ହଲ୍ ! ତୁମେ ମତେ କିଭଳି ଜାଣିଛ ? ସମସ୍ତେ ଏକଶ୍ୱରରେ କହିଲେ ଆପଣ ହେଉଛନ୍ତି ଆମ ସର୍ଦ୍ଦାର ଏବଂ ସର୍ଦ୍ଦାରଙ୍କ ପୁଅ ସର୍ଦ୍ଦାର । ଆପଣଙ୍କ କଥାରେ ଆମକୁ ପୂର୍ଣ୍ଣ ବିଶ୍ୱାସ ଅଛି । ସାଆଦ୍ କହିଲେ ତେବେ ମୋ ସହିତ ସେ ପର୍ଯ୍ୟନ୍ତ ତୁମର କୌଣସି ସମ୍ପର୍କ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ଉପରେ ଇମାନ୍ ନ ଆଣିଛ । ତା'ପରେ ସାଆଦ୍ ସେମାନଙ୍କୁ ଇସ୍‌ଲାମ୍‌ର ସିଦ୍ଧାନ୍ତ ବିଷୟରେ ବୁଝାଇଲେ ଓ ଏବେ ସେହିଦିନ ସଂଧ୍ୟା ହୋଇନଥିଲା ଯେ, ପୁରା କବିଲା ମୁସଲମାନ ହୋଇଗଲା ଏବଂ ସାଆଦ୍ ର:ଅ ଓ ଉସୈଦ୍ ର:ଅ ନିଜେ ନିଜ ହାତ ଦ୍ୱାରା ନିଜ କୌମ୍‌ର ପିତୁଳାକୁ ବାହାର କରି ଭାଙ୍ଗିଦେଲେ ।

ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ଉସୈଦ୍ ବିନ୍ ଅଲ୍ ହୁଜୈର୍ ର:ଅ ଯିଏ ସେହି ଦିନ ମୁସଲମାନ ହୋଇଥିଲେ ଦୁଇଜଣ ଯାକ ବଡ଼ ସାହାବାମାନଙ୍କ ମଧ୍ୟରେ ଗଣା ହୋଇଥାନ୍ତି । ହଜ୍‌ରତ୍ ମିର୍ଜା ବଶୀର ଅହେମଦ୍ ସାହେବ ଲେଖୁଛନ୍ତି ଯେ, ଏହି ଦୁଇଜଣ ଯାକ ଅନ୍‌ସାରମାନଙ୍କ ମଧ୍ୟରେ ଅବଶ୍ୟ ବହୁତ ଉଚ୍ଚ ପଦମର୍ଯ୍ୟାଦା ଥିଲା ବିଶେଷରୂପେ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କୁ ମଦିନାର ଅନ୍‌ସାରମାନଙ୍କ ମଧ୍ୟରେ ଏପରି ପଦମର୍ଯ୍ୟାଦା ହାସଲ ଥିଲା ଯେପରି ପଦମର୍ଯ୍ୟାଦା ମକ୍କାର ମୁହାଜରିମାନଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ହାସଲ ହୋଇଥିଲା । ଏହି ଯୁବକ ଅତ୍ୟନ୍ତ ନିଷ୍ଠାବାନ, ଅତ୍ୟନ୍ତ ନିଷ୍ଠାପର ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତା ଏବଂ ଇସ୍‌ଲାମ୍‌ର ଜଣେ ଅତ୍ୟନ୍ତ ପ୍ରେମୀ ଥିଲେ ଏବଂ ଯେହେତୁ ସେ ନିଜ କବିଲାର ବଡ଼ ସର୍ଦ୍ଦାର ଥିଲେ ଓ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ଥିଲେ ସେଥିଯୋଗୁଁ ତାଙ୍କୁ ଇସ୍‌ଲାମ୍‌ରେ ଏଭଳି ପଦମର୍ଯ୍ୟାଦା ହାସଲ ଥିଲା ଯେଉଁଭଳି ପଦମର୍ଯ୍ୟାଦା ବିଶେଷ ସାହାବାମାନଙ୍କୁ ମିଳିଥିଲା ଏବଂ ଅବଶ୍ୟ ଯୁବକ ଅବସ୍ଥାରେ ତାଙ୍କର ମୃତ୍ୟୁ ବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଏ କଥନ ଥିଲା ଯେ, ସାଆଦ୍‌ଙ୍କ ମୃତ୍ୟୁରେ କରୁଣାମୟ (ଅଲ୍ଲାଃ)ଙ୍କ ଗାଦି ମଧ୍ୟ ହଲିଗଲା । ଏକ ଗଭୀର ସତ୍ୟ ଉପରେ ଆଧାରିତ ଥିଲା । ସୁତରାଂ ଏହିଭଳି ଶୀଘ୍ରଶୀଘ୍ର ଅଓସ୍ ଏବଂ ଖଜ୍‌ରଜ୍ କବିଲାରେ ଇସ୍‌ଲାମ ବ୍ୟାପି ଗଲା । ଇହୁଦୀମାନେ ଭୟପୂର୍ଣ୍ଣ ଦୃଷ୍ଟିରେ ଏ ଦୃଶ୍ୟକୁ ଦେଖି ମନେ ମନେ ଏକଥା କହୁଥିଲେ ଯେ, ଭଗବାନଙ୍କୁ ଜଣା କଣ ହେବ ।"

*(ସିରତ୍ ଖାତମୁନ୍ ନବିଇନ୍...... ପୃ-୨୨୪ ରୁ ୨୨୭)*

ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ତବ୍‌ଲିଗ୍ ଦ୍ୱାରା ବହୁତ ଲୋକେ ମୁସଲମାନ ହେଲେ । ସେ ୧୩ ନବୱିଇ ସାଲରେ ହଜ୍ ଅବସରରେ ମଦିନାରୁ ୭୦ ଜଣ ଅନ୍‌ସାରମାନଙ୍କ ଗୋଟିଏ ଦଳକୁ ନେଇ ମକ୍କା ଗଲେ ଏ ସମ୍ବନ୍ଧରେ ଚର୍ଚ୍ଚା କରି ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକରେ ହଜ୍‌ରତ୍ ମିର୍ଜା ବଶୀର ଅହେମଦ୍ ସାହେବ ଏକଥା ଲେଖୁଛନ୍ତି ଯେ,

"ତା'ପର ବର୍ଷ ଅର୍ଥାତ ୧୩ ନବୱିଇର ଜୁଲ୍‌ହଜା ମାସରେ ହଜ୍ ଅବସରରେ ଅଓସ୍ ଏବଂ ଖଜ୍‌ରଜ୍‌ର କେତେଶହ ଲୋକ ମଦିନା ଆସିଲେ ସେମାନଙ୍କ ମଧ୍ୟରେ ୭୦ଜଣ ବ୍ୟକ୍ତି ଏପରି ଥିଲେ ସେମାନେ ମୁସଲମାନ ହୋଇଯାଇଥିଲେ ବା ମୁସଲମାନ ହେବାକୁ ଚାହୁଁଥିଲେ । ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାକ୍ଷାତ କରିବାପାଇଁ ମକ୍କା ଆସିଥିଲେ । ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ମଧ୍ୟ ସେମାନଙ୍କ ସାଙ୍ଗରେ ଥିଲେ । ମୁସ୍‌ଅବ୍ ର:ଅଙ୍କ ମାଆ ଜୀବିତ ଥିଲେ ଓ ସେ ମୁସ୍‌ରିକା ମହିଳା ଥିଲେ କିନ୍ତୁ ତାଙ୍କୁ ବହୁତ ଭଲପାଉଥିଲେ ଯେତେବେଳେ ତାଙ୍କୁ ତାଙ୍କ ଆସିବାର ଖବର ମିଳିଲା । ସେ ତାଙ୍କ ନିକଟକୁ ଖବର ପଠାଇଲେ ଯେ, ପ୍ରଥମେ ଆସି ମୋ ସହିତ ସାକ୍ଷାତ କର ତା'ପରେ ଆଉ କେଉଁଆଡ଼େ ଯିବ । ମୁସ୍‌ଅବ୍ ର:ଅ ଉତର ଦେଇ ପଠାଇଲେ ଯେ, ମୁଁ ଏ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାକ୍ଷାତ କରିନାହିଁ । ଆପଣ ସ:ଆ:ସଙ୍କ ସହିତ ସାକ୍ଷାତ କରିବାପାରେ ତୁମନିକଟକୁ ଆସିବି । ସୁତରାଂ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଓ କେତେକ ଜରୁରୀ ପ୍ରସଙ୍ଗରେ କଥା ହେଲାପରେ ନିଜ ମାଆଙ୍କ ନିକଟକୁ ଗଲେ । ତାଙ୍କ ମାଆ ଯେତେବେଳେ ଏକଥା

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ଜାଣିଲେ ଯେ, ସେ ପ୍ରଥମେ ତାଙ୍କ ସହିତ ଦେଖା ହୋଇନାହାନ୍ତି ବୋଲି, ତେଣୁ ସେ ବହୁତ ରାଗି ଯାଇଥିଲେ । ତାଙ୍କୁ ଦେଖିବାପରେ ବହୁତ କାନ୍ଦିଲେ ଓ ବହୁତ ଆପତି ଅଭିଯୋଗ କଲେ । ଏଥିରେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ କହିଲେ ମାଆ ! ମୁଁ ତୁମକୁ ଏକ ବହୁତ ଭଲ କଥା କହୁଛି ଯାହା ତୁମପାଇଁ ବହୁତ ଲାଭ ପ୍ରଦ ହେବ ଓ ସବୁ ପ୍ରକାରର ଝଗଡ଼ାର ନିଷ୍ପତି ହୋଇଯିବ । ତାଙ୍କ ମାଆ ପଚାରିଲେ ତାହା କଣ ଏଥିରେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅ ଧିରେ ଉତର ଦେଲେ ଯେ, କେବଳ ଏତିକି କି, ତୁମେ ପିତୁଳା ପୁଜା ଛାଡ଼ି ମୁସଲମାନ ହୋଇଯାଅ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ନେଇ ଆସ । ସେ ପକ୍କା ମୁସ୍‌ରିକା ମହିଳା ଥିଲେ ତେଣୁ ସେ ଏକଥା ଶୁଣି ପାଟିକରିବାକୁ ଲାଗିଲେ ଯେ, ମତେ ତାରା ମାନଙ୍କ ରାଣ ମୁଁ ତୁମ ଧର୍ମରେ କେବେ ଦାଖିଲ ହେବି ନାହିଁ ଓ ନିଜ ବନ୍ଧୁବାନ୍ଧବମାନଙ୍କୁ ଇସାରା କରି କହିଲେ ଯେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କୁ ଧରି ବନ୍ଦି କରିନିଅ କିନ୍ତୁ ସେ ସେଠାରୁ ଦଉଡ଼ି ଚାଲିଗଲେ ।”

*(ସିରତ୍ ଖାତ୍‌ମୁନ୍ ନବିଇନ୍....... ପୃ-୨୨୭)*

ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ ସମ୍ବନ୍ଧରେ ଆହୁରି କିଛି କଥା ମଧ୍ୟ ରହିଛି ତାହା ଆସନ୍ତାକୁ ଜାରି ରହିବ ଯେହେତୁ ଆଜି ଦୁଇଗୋଟି ଜନାଯାଃ ଗାଏବ୍ ଅଛି ସେଥିପାଇଁ ମୁଁ ଏଠାରେ ହଜ୍‌ରତ୍ ମୁସଅବ୍ ବିନ୍ ଅମୀର ର:ଅଙ୍କ କଥାକୁ ଶେଷ କରୁଅଛି । ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରାଯିବ ।

ଯେଉଁ ଦୁଇଜଣଙ୍କର ଯନାଜାଃ ପଢ଼ାଇବି ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମୁକରମ୍ ମୁନଓ୍ୱର ଅହମଦ୍ ଯାଓ୍ୱେଦ୍ ସାହେବ ସୁପୁତ୍ର ମୁକରମ୍ ମଲକ୍ ମୁଜ୍‌ଫର୍ ଅହେମଦ୍ ସାହେବ୍ । ସେ ୨୨ ଫେବୃୟାରୀ ଦିନ ୮୪ ବର୍ଷ ବୟସରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ତାଙ୍କୁ ବହୁତ ଦିନ ହେବ ଯକୃତ ରୋଗ ଥିଲା ଯେଉଁଥିପାଇଁ ସେ ଦଶ ଦିନ ପର୍ଯ୍ୟନ୍ତ ତାହେର୍ ହାର୍ଟ (ଡ଼ାକ୍ତରଖାନା)ରେ ଚିକିତ୍ସା ହେବାପରେ ସେ ନିଜ ସୃଚିକନ୍ତାଙ୍କ ନିକଟରେ ହାଜିର ହୋଇଗଲେ । ସେ ମୁଶି ଥିଲେ ତାଙ୍କ ଅନ୍ତେ ତାଙ୍କ ସ୍ତ୍ରୀଙ୍କ ବ୍ୟତିତ ଚାରିଜଣ ପୁତ୍ର ଓ ଦୁଇଜଣ ଝିଅ ଅଛନ୍ତି । ମଲକ୍ ମନଓ୍ୱର ଅହମଦ୍ ଯାଓ୍ୱେଦ୍ ସାହେବଙ୍କ ଜେଜେ (ସୁବେଦାର ମେଜର୍) ହଜ୍‌ରତ୍ ଡ଼ାକ୍ତର ଜଫର୍ ହସନ୍ ସାହେବ୍ ର:ଅ ଥିଲେ ଓ ତାଙ୍କ ଅଜା ହଜ୍‌ରତ୍ ଶେଖ୍ ଅବଦୁଲ୍ କରିମ୍ ସାହେବ୍ ଥିଲେ ଯାହାଙ୍କର ସମ୍ବନ୍ଧ ଗାଜିପୁର ଜିଲ୍ଲା ଗୁରୁଦାସ୍‌ପୁର ସହିତ ଥିଲା । ଓ ତାଙ୍କର ଜେଜେଙ୍କ ସମ୍ବନ୍ଧ ଧର୍ମକୋଟ୍ ରନ୍ଧଓ୍ୱା ସହିତ ଥିଲା । ଏହି ଦୁଇଜଣ ଯାକ ଅର୍ଥାତ ତାଙ୍କ ଜେଜେ ଓ ଅଜା ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ହାତରେ ବୟତ କରି ସାହାବି ହେବାର ସୌଭାଗ୍ୟ ପାଇଛନ୍ତି । ମଲକ୍ ମନଓ୍ୱର ଯାଓ୍ୱେଦ୍ ସାହେବ୍‌ଙ୍କ ବିବାହ ୧୯୬୮ ମସିହାରେ ସଲ୍‌ମା ଜାଓ୍ୱେଦ୍ ସାହିବାଙ୍କ ସହିତ ଅନୁଷ୍ଠିତ ହୋଇଥିଲା ସେ ସୁଫି ହାମିଦ୍ ସାହେବ୍ ମରହୁମ୍‌ଙ୍କ ସୁପୁତ୍ରୀ ଥିଲେ । ହଜ୍‌ରତ୍ ହାଫିଜ୍ ସୁଫି ଗୁଲାମ୍ ମୁହମ୍ମଦ ସାହେବ୍ ର:ଅ ମୋରିସସ୍ ର ମୁବ୍‌ଲିଗ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବିଙ୍କ ନାତୁଣୀ ଥିଲେ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଡ଼ାକ୍ତର ଜଫର୍ ହସନ୍ ସାହେବ୍‌ଙ୍କ ନାତୁଣୀ ମଧ୍ୟ ଥିଲେ । ହଜ୍‌ରତ୍ ସୁଫି ଗୁଲାମ୍ ମହମ୍ମଦ ସାହେବ୍ ମୁବ୍‌ଲିଗ୍ ମୋରିସସ୍ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ୩୧୩ଜଣ ସାହାବାମାନଙ୍କ ମଧ୍ୟରେ ଥିଲେ । ସେହିପରି ମଲକ୍ ମନଓ୍ୱର ଯାଓ୍ୱେଦ୍ ସାହେବ୍‌ଙ୍କ ଜେଜେ ଓ ଅଜା ଏବଂ ତାଙ୍କ ପତ୍ନୀଙ୍କ ଜେଜେ ଓ ଅଜା ଚାରିଜଣ ଯାକ ଅଲ୍ଲାଃ ତାଲାଙ୍କ କୃପାରୁ ସାହାବି ଥିଲେ ।

ନିଜ ଜିବନ ଓ୍ୱକ୍‌ଫ କରିବା ସମ୍ବନ୍ଧରେ ଚର୍ଚ୍ଚା କରି ମଲକ୍ ସାହେବ୍ ଗୋଟିଏ ଅବସରରେ କହିଲେ ଯେ, ଓ୍ୱକଫ୍ କରିବାପାଇଁ ସେତେବେଳେ ମୋର ଧ୍ୟାନ ଆକର୍ଷଣ ହେଲା ଯେତେବେଳେ ମୁଁ ୧୯୮୨ ମସିହାରେ ଅନ୍‌ସାରୁଲ୍ଲାଃଙ୍କ ଇଜ୍‌ତିମାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥଙ୍କ ଭାଷଣ ଶୁଣୁଥିଲି । ହଜୁର ନିଜ ଭାଷଣରେ ଓ୍ୱକ୍‌ଫର ଗୁରୁତ୍ୱକୁ ବର୍ଣ୍ଣନା କରୁଥିଲେ ଓ ଭାଷଣର ଶେଷରେ ଗୋଟିଏ ବାକ୍ୟ କହିଲେ ଯାହାର ଅର୍ଥ ଏହା ଥିଲା କି, କଣ ତୁମେ ଚାହୁଁନାହ ଯେ, ତୁମର ଶେଷ ନିଶ୍ୱାସ ଓ୍ୱକଫ୍‌ରେ ଚାଲିଯାଉ । ସେ କହୁଛନ୍ତି ଏହି ବାକ୍ୟଟି ମୋ ପାଇଁ ଟର୍ଣ୍ଣିଙ୍ଗ ପଏଂଟ ଥିଲା ମୁଁ ଏକଥା ଭାବିବାକୁ ଲାଗିଲି ଯେ, କଣ ମୁଁ ବି ଓ୍ୱକଫ୍ କରିପାରିବି । ସେ ଯାହା ହେଉ ତା'ପରେ ସେ ନିଜକୁ ଓ୍ୱକଫ୍ କରିବାପାଇଁ ନିଷ୍ପତି କଲେ ଏବଂ ୧୦ ଅଗଷ୍ଟ ୧୯୮୩ ମସିହାରେ ସେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଚତୁର୍ଥଙ୍କ ଗୋଚରେ ଓ୍ୱକଫେ୍ ଜିନ୍ଦେଗିର ଦରଖାସ୍ତ ଦେଲେ ଯେଉଁଥିରେ ହଜୁର ରହେମୁଲ୍ଲାଃ ୧୮ ଅଗଷ୍ଟ ୧୯୮୩ ମସିହା ଦିନ ତାଙ୍କ ଓ୍ୱକଫ୍‌କୁ ମଞ୍ଜୁର୍ କଲେ ଏବଂ ଏ ଉପଦେଶ ଦେଲେ ଯେ, ଆପଣ ନିଜର କାମ ସବୁ ଶେଷ କରି ଅବଶ୍ୟ ଚାଲିଆସନ୍ତୁ । ସେତେବେଳେ ସେ ନିଜର କାରବାର ମଧ୍ୟ କରୁଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଚତୁର୍ଥ ୨୮ ଅଗଷ୍ଟ ୧୯୮୩କୁ ତାଙ୍କର ପ୍ରାଥମିକ ଆପୋଏଂଟମେଟ ଦେଲେ । ସେ ଓ୍ୱକାଲତେ ସନ୍‌ଅତ୍ ଓ୍ୱ ତିଜାରତ୍ ରେ ନିୟୋଜିତ ହେଲେ । ୦୧ ଅକ୍ଟୋବର ୧୯୮୩ ଦିନ ସେ ଓ୍ୱକାଲତେ ସନ୍‌ଅତ୍ ଓ୍ୱ ତିଜାରତରେ ହାଜିର ହୋଇଗଲେ । ଓ୍ୱକଫ୍ କରିବା ପୂର୍ବରୁ ସେ ପ୍ରାରମ୍ଭିକ ୧୬ ବର୍ଷ ପର୍ଯ୍ୟନ୍ତ ପଞ୍ଜାବ ସରକାରଙ୍କ ସେକ୍ରେଟରିଏଟ୍‌ରେ ଚାକିରି କରୁଥିଲେ । ତା'ପରେ ପାଖାପାଖି ୧୦ ବର୍ଷ ପର୍ଯ୍ୟନ୍ତ ନିଜର କାରବାର ଓ ବଣିଜ ବ୍ୟାପାର କଲେ । ନଭେମ୍ବର ୧୯୮୩ ମସିହାରେ ସେ Review of Religions ପ୍ରତ୍ରିକାର ମ୍ୟାନେଜର ରୂପେ ନିୟୋଜିତ ହେଲେ ୧୯୮୪ ମସିହାରେ ନାଜିର୍ ଜିୟାଫତ୍‌ଙ୍କ ସହଯୋଗୀ ରୂପେ ନିୟୋଜିତ ହେଲେ । ୨୦ ଏପ୍ରିଲ୍ ୧୯୮୭ ମସିହାରୁ ଜୁଲାଇ ୨୦୧୬ ପର୍ଯ୍ୟନ୍ତ ନାଏବ୍ ନାଜିର୍ ଜିୟାଫତ୍ ରୂପେ ନିଜର ଦାୟିତ୍ୱ ନିର୍ବାହ କରିବାପାଇଁ ସୌଭାଗ୍ୟ ମିଳିଥିଲା । ୧୯୯୦ ମସିହାରେ ଯେବେ କମିଟି କଫାଲତେ ୟକ୍‌ସଦ୍ ୟତାମା ପ୍ରତିଷ୍ଠା ହେଲା ସେତେବେଳେ ସେ ତାହାର ପ୍ରଥମ ସେକ୍ରେଟରୀ ରୂପେ ନିୟୋଜିତ ହେଲେ ଏବଂ ଊଣା ଅଧିକେ ୨୦ ବର୍ଷ ପର୍ଯ୍ୟନ୍ତ ସେ ଏହି ସେବାକାର୍ଯ୍ୟ ସମ୍ପାଦନ କଲେ । ୧୯୬୮ ମସିହାରୁ ୧୯୭୦ ପର୍ଯ୍ୟନ୍ତ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନରେ କାଏଦ୍ ଜିଲ୍ଲାରୂପେ ଏବଂ ଇଲାକା ଲାହୋର୍ ରୂପେ କାର୍ଯ୍ୟ କରିଛନ୍ତି ଏବଂ ଏହା ଊଣା ଅଧିକେ ୧୦ ବର୍ଷର ସେବା କାର୍ଯ୍ୟ । ଅନ୍‌ସାରୁଲ୍ଲାଃରେ ୧୯୮୪ ଠାରୁ ୨୦୧୪ ପର୍ଯ୍ୟନ୍ତ ତାଙ୍କୁ ସେବା କରିବାର ଅବସର ମିଳିଛି । ୮୪ ରୁ ୨୦୧୪ ୩୧ବର୍ଷ ପର୍ଯ୍ୟନ୍ତ ଅନ୍‌ସାରୁଲ୍ଲାଃ ପାକିସ୍ତାନରେ ସେବା କରିବାର ସୌଭାଗ୍ୟ ମିଳିଛି । ୧୯୮୪ ମସିହାରୁ ୨୦୧୪ ପର୍ଯ୍ୟନ୍ତ ସେ ଅନ୍‌ସାରୁଲ୍ଲାଃ ପାକିସ୍ତାନରେ କାଏଦ୍ ତହ୍‌ରିକ୍ ଜଦିଦ୍, କାଏଦ୍ ତର୍‌ବିୟତ୍ ଏବଂ କାଏଦ୍ ଇଶାଅତ୍ ରୂପେ ଖୀଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି ସେହିପରି ଶେଷ ୫ବର୍ଷ ସେ ନାଏବ୍ ସଦର ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ପାକିସ୍ତାନ ରୂପେ ସେବା କରିବାର ସୌଭାଗ୍ୟ ପାଇଛନ୍ତି ।

ଯେତେବେଳେ ସେ ସରକାରୀ ଚାକିରୀ କରୁଥିଲେ ସେ ସମୟର ଘଟଣା ବିଷୟରେ ଚର୍ଚ୍ଚା କରି ଏକଦା ମଲକ ସାହେବ୍ କହିଛନ୍ତି ଯେ, ଚାକିରୀ କାଳ ଭିତରେ ଆମର ଜଣେ ଇନ୍‌ଚାର୍ଜ ଥିଲେ ବହୁତ ଇର୍ଷା ପରାୟଣ ବ୍ୟକ୍ତି ଥିଲେ ଓ ଅଧିକାଂଶ ସମୟ ନିଜ ମୌଲବୀ ମାନଙ୍କୁ ଆଣି ମୋ ସହିତ ଧର୍ମତର୍କ କରୁଥିଲେ । ସେହିପରି ଥରେ ସେ ଅଲାମା ପ୍ରଫେସର ଖାଲିଦ୍ ମେହମୁଦ୍ ସାହେବଙ୍କୁ ଡ଼ାକି ଆଣିଲେ ଯିଏ ସେ ସମୟରେ ଜଣେ ବହୁତ ବଡ଼ ଜ୍ଞାନୀ ବ୍ୟକ୍ତି ଥିଲେ ତାଙ୍କ ସହିତ ମୁବାହିସା (ଧର୍ମତର୍କ) ଆରମ୍ଭ ହୋଇଗଲା । ଯେତେବେଳେ ସେହି ଜ୍ଞାନୀ ବ୍ୟକ୍ତିଜଣକ ପାରିଲେ ନାହିଁ ସେତେବେଳେ ସେ ରାଗିଯାଇ ଗାଳି ଦେବା ଆରମ୍ଭ କରିଦେଲେ ଯେଉଁଭଳି ସାଧାରଣ ମୌଲାମାନଙ୍କର ସ୍ୱଭାବ ଥାଏ । ପୁଣି ସେ କହୁଛନ୍ତି ଯେ, ମୋର ଯେଉଁ ଅଫିସର ଇନ୍‌ଚାର୍ଜ ଥିଲେ ସେ ଏହା ଦେଖି ଡ଼ରିଗଲେ ଯେ, ଏଠି ପରିସ୍ଥିତି ଖରାବ ନ ହୋଇଯାଉ । ଏଥିରେ ସେହି ଅଲାମା ସାହେବ୍ ମୋ ଇନ୍‌ଚାର୍ଜ ସାହେବଙ୍କୁ ଭରଷା ଦେଇ କହିଲେ ଯେ, ମୌଲବୀ ସାହେବଙ୍କର ଭାଷା ଏହିପରି ଯେଉଁମାନେ ମନ ଭିତରେ ଏ ବିଶ୍ୱାସ ରଖୁଛନ୍ତି ଯେ ଯମାତ୍ ର ସଦସ୍ୟମାନଙ୍କର ସମ୍ବନ୍ଧ ଅଲ୍ଲାଃ ତାଲାଙ୍କ ସହିତ ରହିଛି ବୋଲି । ସେ କହୁଛନ୍ତି ଯେ, ମୌଲାନା ସାହେବ କହୁଛନ୍ତି କି, ଏହି ଅହେମଦୀମାନେ ଅଲ୍ଲାଃ ତାଲାଙ୍କ ଉପରେ, ରସୁଲ୍‌ଙ୍କ ଉପରେ ଏବଂ ପବିତ୍ର କୁର୍‌ଆନ୍ ଉପରେ ଏତେ ଅତ୍ୟାଚାର କରିଛନ୍ତି ଯେ, ସମ୍ଭବତଃ ଅଲ୍ଲାଃ ତାଲା ତାଙ୍କୁ ନିଶେଃଷ କରିଦିଅନ୍ତେ କିନ୍ତୁ କାହିଁକି ନିଶେଃଷ କରୁନାହିଁ ? ମୌଲାନା ସାହେବ କହିଲେ ଯେ, ଇଏ ପ୍ରତ୍ୟେକ ଥର ସେଥିଯୋଗୁଁ ବଂଚି ଯାଉଛନ୍ତି । ସେ କାହିଁକି ବଂଚି ଯାଉଛନ୍ତି ? କାରଣ ଏମାନେ (ଅହେମଦୀମାନେ) ନିଜ ନମାଜରେ ଖୁବ୍ କାନ୍ଦୁଛନ୍ତି । ଏଥିରେ ମଲକ୍ ସାହେବ କହୁଛନ୍ତି ଯେ, ମୁଁ ତାଙ୍କୁ କହିଲି ଅଲାମା ସାହେବ୍ ! ଏକଥା ଆପଣ ମତେ ଲେଖିକି ଦେଇ ଦିଅନ୍ତୁ । ସେ କହିଲେ କାହିଁକି ? ପୁଣି ପଞ୍ଜାବି ଭାଷାରେ କହିଲେ ଯେ, '' ଅଜ୍ ମେ ଲିଖଦିଓ୍ୱାଁ ତେ କଲ୍ ତୁସି ଅଖଓ୍ୱାର ଓ୍ୱିଚ୍ ଛପୁଆ ଦିୟୋଗେ'' (ଅର୍ଥାତ ଆଜି ମୁଁ ଲେଖିକି ଦେଇଦେବି କାଲି ତୁମେମାନେ ଖବରକାଗଜରେ ଛପାଇ ଦେବ) ତେବେ ଅର୍ଥ ହେଉଛି ଏହା କି ସେମାନଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିଲା ଯେ, ଅହେମଦୀମାନଙ୍କର ଈଶ୍ୱରଙ୍କ ନିକଟରେ ବିଳାପ କରିବା ସର୍ବଦା ତାଙ୍କ କାମରେ ଆସୁଛି ଏବଂ ଈଶ୍ୱର ସେମାନଙ୍କର ପ୍ରାର୍ଥନା ଶୁଣୁଛନ୍ତି । ହଜୁର ଅନଓ୍ୱର କହୁଛନ୍ତି ଆମେ ଭୁଲ୍ ମାର୍ଗରେ ଥିବା ସତ୍ତ୍ୱେ ମଧ୍ୟ ସେମାନଙ୍କର ଏ ବିଶ୍ୱାସ ଅଛି ଯେ, ଅଲ୍ଲାଃ ତାଲା ଆମ କଥା ଶୁଣୁଛନ୍ତି । ଅଲ୍ଲାଃ ତାଲା ସେହି ଲୋକମାନଙ୍କର ଆଖି ଖୋଲିଦିଅନ୍ତୁ ସେମାନେ ଏ ଜାତିକୁ ଯେଉଁ ରାସ୍ତାରେ ପରିଚାଳିତ କରୁଛନ୍ତି ଓ ସେମାନଙ୍କର ଭୁଲ୍ ମାର୍ଗଦର୍ଶନ କରାଉଛନ୍ତି । ଅଲ୍ଲାଃ ତାଲା ଏହି ଜାତିକୁ ସେମାନଙ୍କର କପଟତାରୁ ବଂଚାନ୍ତୁ ।

ଆମର ନାଜର ଜିୟାଫତ୍‌ଙ୍କ ସହଯୋଗୀ ଉସାମା ଅଜ୍‌ହର୍ ସହର୍ କହୁଛନ୍ତି ଯେ, ମଲକ୍ ମନଓ୍ୱର ଅହମଦ୍ ଯାଓ୍ୱେଦ୍ ସାହେବ୍ ଉଚ୍ଚସ୍ତରର ଇନ୍ତେଜାମି (ବ୍ୟବସ୍ଥାପିକା) ସାମର୍ଥ୍ୟର ମାଲିକ ଥିଲେ । ରାତିରେ ଉଠି ଦାରୁଲ୍ ଜିୟାଫତ୍‌ର ଚାରିପଟେ ବୁଲନ୍ତି କାର୍‌କୁନ୍ ମାନଙ୍କୁ ନିରୀକ୍ଷଣ କରନ୍ତି ଓ ମୌସମ୍ ମୁତାବକ ସେମାନଙ୍କ ପାଇଁ ଚା ଏବଂ ଅଣ୍ଡା ର ବ୍ୟବସ୍ଥା କରନ୍ତି । ଦାରୁଲ୍ ଜିୟାଫତ୍ ର କାର୍‌କୁନ୍‌ମାନଙ୍କ ସହିତ ତାଙ୍କର ଅତ୍ୟନ୍ତ ସ୍ନେହ ଓ ସହାନୁଭୁତିମୟ ବ୍ୟବହାର ଥିଲା । ସେହି କାର୍‌କୁନ୍‌ମାନଙ୍କ ପାରିବାରିକ ଅବସ୍ଥା ବିଷୟରେ ମଧ୍ୟ ସେ ଖବର ରଖୁଥିଲେ ଓ ଚୁପ୍‌ଚାପ ଯଥା ସମ୍ଭବ ସେମାନଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ ।

ତାଙ୍କ ଜ୍ୱାଇଁ ନଦ୍ଦିମ୍ ସାହେବ୍ କହୁଛନ୍ତି, ସେ ତାଙ୍କର ଭଣଜା ମଧ୍ୟ, ଯେ ମଲକ୍ ସାହେବ୍ ଥରେ ତାଙ୍କୁ କହିଲେ ପ୍ରଥମତଃ ସେ ମତେ ସର୍ବଦା ନମାଜ ପଢ଼ିବାପାଇଁ ଉପଦେଶ ଦିଅନ୍ତି ଏବଂ ଖିଲାଫତ୍ ସହିତ ପ୍ରେମଭାବ ରଖିବାପାଇଁ ଓ ଦୀନ୍‌ର ସେବା କରିବାପାଇଁ ଉପଦେଶ ଦେଉଥିଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ଅତ୍ୟନ୍ତ ପାଳନକାରୀ ଓ ଆଜ୍ଞାବହ ଥିଲେ । ଖିଲାଫତ୍ ପରେ ମଧ୍ୟ ତାଙ୍କର ଯେଉଁ ସମ୍ପର୍କ ଥିଲା ତାହା ଅସାଧାରଣ ଥିଲା ।

ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଓ କୃପା କରନ୍ତୁ ଓ ତାଙ୍କୁ ନିଜର ପୀୟକ୍ଷମା ଆଚରଣ ପ୍ରୀୟଜନଙ୍କ ପାଦତଳେ ସ୍ଥାନ ଦିଅନ୍ତୁ । ତାଙ୍କ ସମ୍ପର୍କୀୟ ମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟ କାର୍ଯ୍ୟଗୁଡ଼ିକର ଜାରି ରଖିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଏହି ଦୁଇଜଣଙ୍କର ମୁଁ ଯନାଜାଃ ଗାଏବ ପଢ଼ାଇବି ଇନ୍‌ଶଅଲ୍ଲାଃ ।

ꕤꕤꕤꕤꕤꕤꕤꕤꕤꕤ

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅଜିଜା ରାବିୟା ନୂର୍ ସାହି ସୁପୁତ୍ରୀ ମୋକରମ୍ ଜଫର୍ ଅହ୍‌ମଦ୍ ସାହି ସାହେବଙ୍କ ନିକାହ୍ ଅଜିଜମ୍ ୱସିମ୍ ଅହମଦ୍ ତାହେର୍ ସୁପୁତ୍ର ମୋକରମ୍ ନଇମ୍ ଅହେମଦ୍ ସାହେବଙ୍କ ସହିତ ଅନୁଷ୍ଠିତ ହେଲା ।

ଅଜିଜାଃ ହଫ୍‌ସା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ତାହେର୍ ଅହ୍‌ମଦ୍ ସାହେବଙ୍କ ନିକାହ୍ ଅଜିଜମ୍ ଶାହିଦ୍ ମନ୍‌ସୁର୍ ସୁପୁତ୍ର ମୋକରମ୍ ମନ୍‌ସୁର୍ ଅହ୍‌ମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ମହ୍‌ୱଶ୍ ଶକୁର୍ ସୁପୁତ୍ରୀ ମୋକରମ୍ ଅବ୍‌ଦୁଲ୍ ଶକୁର୍ ସାହେବଙ୍କ ନିକାହ୍ ଅଜିଜମ୍ ଫାରୁକ ଅହ୍‌ମଦ୍ ସୁପୁତ୍ର ମୋକରମ୍ ଅବ୍‌ଦୁଲ୍ ରଉଫ୍ ସାହେବଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ଆନ୍‌ସା ମାରିୟା ମାଲିକ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ମାଲିକ୍ ସାହେବଙ୍କ ନିକାହ ଅଜିଜମ୍ କାଶିଫ୍ ଅଦ୍‌ନାନ୍ ସୁପୁତ୍ର ମୋକରମ୍ ସାବିର୍ ହୁସୈନ୍ ସାହେବଙ୍କ ସହିତ ଅନୁଷ୍ଠିତ ହେଲା ।

ନିକାହ୍‌ର ଏଲାନ୍‌ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଯାମିୟା ଅହେମଦୀୟା ଜର୍ମାନୀର ନୁଆ ଅଟ୍ଟାଳିକା ରେ ରେଡ୍‌ଷ୍ଟାଟ୍ ସହରରେ ନିର୍ମାଣ ହୋଇଛି । ଏହାର ସଂକ୍ଷିପ୍ତ ପରିଚୟ ହେଉଛି ଏପରି କି, ଏହି ସହରଟି ହେଉଛି ୧୧୭୮ ପୁରୁଣା ଗୋଟିଏ ଐତିହାସିକ ସହର । ଏହାର ଜନସଂଖ୍ୟା ହେଉଛି ୨୨୦୦୦ ଓ ଏଠାରେ ୮୩ ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ଲୋକେ ଏଠାରେ ବସବାସ କରନ୍ତୁ । Grob-Gerau ଜିଲ୍ଲାର କ୍ଷେତ୍ରଫଳ ଦୃଷ୍ଟିକୋଣରୁ ଏହି ସହର ଟି ହେଉଛି ସବୁଠାରୁ ବଡ଼ । ବଇତୁସ୍ ସବୁହ୍ ଫ୍ରାଙ୍କଫର୍ଟଠାରୁ ଏହାର ଦୁରତା ହେଉଛି ୫୭ କିମି । ଏହି ସହରରେ ଯମାତ୍ ଅହେମଦୀୟାର ପରିଚୟ ୧୯୮୫ ମସିହାରେ ହୋଇଥିଲା ଯେତେବେଳେ କିଛି ଅହେମଦୀ ଏଠାରେ ଆସି ବସବାସ କଲେ । ପୁଣି ସେପ୍ଟେମ୍ବର ୧୯୮୭ ମସିହାରେ ଏଠାରେ ନିୟମିତ ଭାବରେ ଯମାତ୍ ସ୍ଥାପନ କରାଗଲା । ଏଠିକାର ସ୍ଥାନୀୟ ଯମାତ୍ ମସ୍‌ଜିଦ୍ ବଇତୁଲ୍ ଅଜିଜ୍ ନିର୍ମାଣ କରିବାର ସୌଭାଗ୍ୟ ପାଇଛି । ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ହଜ୍‌ରତ୍ ଖଲିଫତୁଲ ମସିହିଲ୍ ଅଲ୍‌ଖାମିସ୍ ଅ:ବ:ଅ ୩୦ ଅଗଷ୍ଟ ୨୦୦୪ ମସିହାରେ କରିଥିଲେ ।

**୧୮ ଅକ୍ଟୋବର ୨୦୧୫ (ରବିବାର)**

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ସକାଳ ୬:୪୦ ମିନିଟ୍‌ରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ ଡ଼ାକ, ଚିଠି ପତ୍ର ଏବଂ ରିପୋର୍ଟ ଇତ୍ୟାଦି ନିରୀକ୍ଷଣ କଲେ ଓ ସେ ସବୁରେ ନିର୍ଦ୍ଦେଶ ପ୍ରଦାନ କଲେ ।

ଆଜି କାର୍ଯ୍ୟକ୍ରମ ମୁତାବକ Florstadt ସହରରେ ମସ୍‌ଜିଦ୍ ମୁବାରକ୍‌ର ଭିତିପ୍ରସ୍ତର ସ୍ଥାପନ ଉତ୍ସବ ନିମନ୍ତେ ଯାତ୍ରା କରିବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ସକାଳ ୧୧ଟା ବେଳେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଦୁଆ କରାଇବା ପରେ ଯାତ୍ରା ଆରମ୍ଭ ହେଲା । ବଇତୁସ୍ ସବୁହ୍‌ଠାରୁ Florstadt ସହରର ଦୁରତା ୩୦ କିମି ୩୫ ମିନିଟର ଯାତ୍ରା କରିବାପାରେ Florstadt ସହରର ସେହି ସ୍ଥାନରେ ପହଂଚିଲେ । ଯେଉଁଠି ଆଜି ମସ୍‌ଜିଦ୍ ମୁବାରକ୍ ର ଭିତିପ୍ରସ୍ତର ସ୍ଥାପନ କରିବାର ପ୍ରୋଗ୍ରାମ ରଖାଯାଇଥିଲା । ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ିଟି ସେହି ଜମି ଖଣ୍ଡ ନିକଟରେ ପହଂଚିଲା ସେଠାରେ ଉପସ୍ଥିତ ସ୍ଥାନିୟ ଯମାତ୍‌ର ପୁରୁଷ ମହିଳା ଓ ପିଲାମାନେ ନିଜ ପ୍ରୀୟ ଆକ୍କାଙ୍କୁ ବହୁତ ପ୍ରେମପୂର୍ଣ୍ଣଭାବେ ସ୍ୱାଗତ ଜଣାଇଲେ । ସ୍ଥାନୀୟ ଯମାତ୍‌ର ସଦସ୍ୟଗଣ ଆଜି ସକାଳୁ ଏଠାରେ ନିଜ ପ୍ରୀୟ ଆକ୍କାଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ । ଆଜି ସେମାନଙ୍କପାଇଁ ଖୁସୀ ଓ ଆନନ୍ଦରେ ଭରା ଦିନ ଥିଲା । ତାଙ୍କ ଏଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ପାଦ ପ୍ରଥମଥର ପଡୁଥିଲା । ପ୍ରତ୍ୟେକ ଆନନ୍ଦରେ ବିଭୋର ଥିଲେ ଓ ନିଜର ଏହି ସୌଭାଗ୍ୟ ପାଇଁ ଅଲ୍ଲାଃ ତାଲାଙ୍କ ନିକଟରେ କୃତଜ୍ଞତା ଜଣାଉଥିଲେ ।

ଲୋକାଲ୍ ସଦର ଯମାତ୍ ମୋକରମ୍ ତାହେର୍ ଅହେମଦ୍ ସାହେବ୍, ରିଜିଓନାଲ୍ ଅମୀର୍ ମୋକରମ୍ ମୁଜଫର୍ ଅହେମଦ୍ ଜଫର୍ ସାହେବ୍ , ମୋକରମ୍ ମକଶୁଦ୍ ଅହେମଦ୍ ଅଲଓ୍ୱି ସାହେବ୍ ସ୍ଥାନିୟେ ମୁଅଲିନ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ଏମାନେ ସମସ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କରମର୍ଦ୍ଦନ କଲେ । ଏହି ଅବସରରେ Florstadt ସହରର ମେୟର ହର୍ବଟଅଙ୍ଗର୍ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହାତ ମିଳାଇବାର ସୌଭାଗ୍ୟ ପାଇଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନ ଭିତରେ ତିଆରି ହୋଇଥିବା ଷ୍ଟେଜ୍ ଉପରକୁ ଆସିଲେ ଓ ସେଠାରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ Florstadt ସହରର ମେୟରଙ୍କ ସହିତ ବାର୍ତାଳାପ କଲେ ।

**ମସ୍‌ଜିଦ୍ ମୁବାରକ୍ Florstadt ର ଭିତିପ୍ରସ୍ତର ସ୍ଥାପନର ଉତ୍ସବ**

କାର୍ଯ୍ୟକ୍ରମ ମୁତାବକ ଠିକ୍ ୧୧:୪୫ ମିନିଟ୍‌ରେ ଏହି ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ସହିତ ହେଲା । ଯାହାକୁ ମୁକରମ୍ ହାଫିଜ୍ ଅନଓ୍ୱର ପାଶା ତାହେର୍ ପାଠ କଲେ ଓ ଏହାର ଜର୍ମାନୀ ଭାଷାରେ ଅନୁବାଦ ନଜିବ୍ ଅହେମଦ୍ ସାହେବ୍ ପେଶ୍ କଲେ ।

ଏହାପରେ ମୋକରମ୍ ଅମୀର୍ ସାହେବ୍ ଜର୍ମାନୀ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ନିଜର ପରିଚୟ ପ୍ରଦାନ ମୁଳକ ଅଭିଭାଷଣ ପେସ୍ କଲେ ।

ଅମୀର୍ ସାହେବ୍ ଏହି ସହର ସମ୍ବନ୍ଧରେ ପରିଚୟ ଦେଇ ବତାଇଲେ ଯେ, ଏହା ଏକ ଅତ୍ୟନ୍ତ ସୁନ୍ଦର ଏବଂ ଉନ୍ନତଶୀଳ ସହର ଅଟେ । ଏହା Wetterau ଠାରେ ଅବସ୍ଥିତ । ଏହି ସହରର ଇତିହାସ ୨୦୦୦ ବର୍ଷଠାରୁ ମଧ୍ୟ ପୁରୁଣା । ଏହି ସହରରେ ଅନେକ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ଏଥିଯୋଗୁଁ ଏହି ସହରଟି ଧ୍ୱଂସ ହୋଇଯାଇଥିଲା ପୁଣି ପୁନର୍ବାର ଏଠାରେ ଲୋକମାନେ ବସତୀ ସ୍ଥାପନ କଲେ । ବିଭିନ୍ନ ସମୟରେ ସମ୍ରାଟମାନେ ଆସି ଏଠାରେ ରହିବାକୁ ଲାଗିଲେ । ଏଠାରେ କିଲା ଏବଂ ବଡ଼ବଡ଼ ପ୍ରାଚୀରମାନ ନିର୍ମାଣ କରାଗଲା ଓ ଭିନ୍ନ ଭିନ୍ନ ସମୟରେ ଏହା ସମ୍ରାଟମାନଙ୍କର କେନ୍ଦ୍ରସ୍ଥଳ ରହିଛି । ଏହି ସହରର ଜନସଂଖ୍ୟା ୧୦୦୦୦ ଏବଂ ଏହାର ୨୫ ପ୍ରତିଶତ ଇଲାକା ହେଉଛି ସୁନ୍ଦର ଓ ସବୁଜିମାରେ ପରିବେଷ୍ଟିତ । ଏହି ସହରରେ ଯମାତି ଅହେମଦୀୟାର ସ୍ଥାପନା ୧୯୯୫ ମସିହାରେ ହେଲା ଏବେ ଏଠି ଯମାତ୍‌ର ଲୋକସଂଖ୍ୟା ହେଉଛି ୧୧୫ । ଏଠାରେ ଯମାତ୍‌ର ପ୍ରୋଗ୍ରାମ ଅନୁଷ୍ଠିତ କରିବାପାଇଁ ବିଭିନ୍ନ ସ୍ଥାନକୁ ଭଡ଼ାରେ ନିଆଯାଉଥିଲା ।

ଅମୀର୍ ସାହେବ୍ ବତାଇଲେ ଯେ, Florstadt ସହରର ସମସ୍ତ ଅଧିବାସୀମାନେ ଆମକୁ ବହୁତ ସାହାଯ୍ୟ କରିଛନ୍ତି ଓ ସବୁବେଳେ ମୁକ୍ତ ହସ୍ତରେ ଯମାତ୍‌କୁ ସ୍ୱାଗତ କରିଛନ୍ତି । ମସ୍‌ଜିଦ୍ ନିମନ୍ତେ ବର୍ତମାନ ଅବସ୍ଥିତ ଏହି ଜମି ଖଣ୍ଡକ ୧୦ ଜାନୁୟାରୀ ୨୦୧୫ ମସିହାକୁ ଖରୀଦ କରାଯାଇଥିଲା । ଏହି ଜମିର କ୍ଷେତ୍ରଫଳ ହେଉଛି ୮୧୧ ବର୍ଗମିଟର୍ । ତାକୁ ଏକ ଲକ୍ଷ ୨୦ ହଜାର ୟୁରୋ ବିନିମୟରେ କିଣାଗଲା । ଏଠାରେ ୬୦ ବର୍ଗମିଟରର ଦୁଇଗୋଟି ହଲ୍ ନିର୍ମାଣ ହେବ । ମିନାର୍‌ର ଉଚ୍ଚତା ହେଉଛି ୧୨ ମିଟର ଓ ଗମ୍ବୁଜର ଗୋଲେଇ ହେଉଛି ୬ ମିଟର । ଏହି ମସ୍‌ଜିଦ୍‌ର ପ୍ଲାନ୍ ମହିଳା ଆର୍କିଟେକ୍ଟ ପ୍ରସ୍ତୁତ କରିଛନ୍ତି । ମସ୍‌ଜିଦ୍ ସହିତ ଦଫ୍‌ତର, କିଚେନ୍ ଏବଂ ଟେକନିକାଲ୍ କାର୍ଯ୍ୟ ପାଇଁ କୋଠରୀ ଏବଂ ଖାଦିମ୍ ମସଜିଦ୍‌ଙ୍କ ପାଇଁ ଗୋଟିଏ କୋଠରୀ ମଧ୍ୟ ନିର୍ମାଣ କରାଯିବ ।

ଅମୀର ସାହେବ୍ ଜର୍ମାନୀର ଅଭିଭାଷଣ ପରେ ନ୍ୟାସନାଲ ପାର୍ଲାମେଂଟର ମେମ୍ବର ବେଟିନା ମୁଲର୍ ସାହିବା ନିଜର ଭାଷଣ ପ୍ରଦାନ କରି କହିଲେ: ମହାମହିମ ଖଲିଫତୁଲ୍ ମସିହିଲ୍ ! ମୁଁ ଆପଣଙ୍କ ଗୋଚରରେ ମତେ ନିମନ୍ତ୍ରଣ କରିଥିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଆଜି ଆମେମାନେ ଏହି ଖୁସିର ଦିନଟି ପାଳନ କରିବା ଯେ, ଆଜି ମସ୍‌ଜିଦ୍‌ର ନିର୍ମାଣ କରିବାର ପ୍ଲାନିଙ୍ଗ ସମ୍ପୂର୍ଣ୍ଣ ହୋଇଯାଇଛି । ପୁଣି ସେ କହିଲେ ଯେ, ଯମାତ୍ ଅହେମଦୀୟା ସଦସ୍ୟମାନେ ବହୁତ ଶାନ୍ତି ଓ ପ୍ରେମପୂର୍ଣ୍ଣଭାବରେ ଜୀବନଯାପନ କରୁଥିବା ଲୋକ ଅଟନ୍ତି ଏବଂ ଏମାନଙ୍କ ନିକଟରେ ଅତ୍ୟନ୍ତ ଭାଇଚାରା ଏବଂ ସଦ୍‌ବ୍ୟବହାର ଦେଖିବାକୁ ମିଳିଥାଏ ।

ମସ୍‌ଜିଦ୍ ହେଉଛି ଏପରି ଏକ ସ୍ଥାନ ଯେଉଁଠି ଲୋକମାନେ ନମାଜ ପଢ଼ିଥାନ୍ତି ଏବଂ ସବୁବେଳେ ଏକାଠି ହୋଇଥାନ୍ତି । ଏବଂ ଆପୋଷରେ ସଦ୍‌ଭାବନା ସ୍ଥାପନ କରିଥାନ୍ତି । ଯମାତ୍ ଅହେମଦୀୟା ହେଉଛି ବହୁତ କର୍ମଠ ଏବଂ ବିଶେଷରୂପେ ଯମାତ୍ ରିଫ୍ୟୁଜିମାନଙ୍କ ସମ୍ବନ୍ଧରେ ବହୁତ ସାହାଯ୍ୟ ସହଯୋଗ କରିଛି । ମୁଁ ଆପଣମାନଙ୍କର ଏହି କାମ ଓ ସେବାକାର୍ଯ୍ୟକୁ ସମ୍ମାନ ଜଣାଉଛି । ଏହିଭଳି ଶାନ୍ତିପ୍ରୀୟ ଲୋକମାନଙ୍କ ଯୋଗୁଁ ଶାନ୍ତିର ସହିତ ଓ ପ୍ରେମପୂର୍ଣ୍ଣ ଶୈଳୀରେ ଏକାଠି ରହିବା ସମ୍ଭବ ହୋଇଥାଏ ଏବଂ ପୁଣି ଯାଇ ଇଂଟିଗ୍ରେସନ ସମ୍ଭବ ହେବ ।

ସେ ମହାଶୟା କହିଲେ ଯେ, ଯମାତ୍ ଅହେମଦୀୟା ନିଜର ଦ୍ୱାରକୁ ସବୁବେଳେ ସମସ୍ତଙ୍କ ପାଇଁ ଖୋଲା ରଖିଥାଏ । ଏହା ଦ୍ୱାରା ସାଧାରଣ ନାଗରିକମାନଙ୍କର ଭୟ ଦୁର ହୋଇଥାଏ । ଆପଣମାନଙ୍କ ଆଚରଣରେ ଭାଇଚାରା ଓ ସହିଷ୍ଣୁତା ସ୍ପଷ୍ଟଭାବେ ଦୃଷ୍ଟିଗୋଚର ହୋଇଥାଏ । ଏହା ହିଁ ଶାନ୍ତିର ଏକ ମୁଳ ସର୍ତ । ଶେଷରେ ସେ ନିଜର ସଦ୍‌ଇଚ୍ଛାକୁ ପ୍ରକାଶ କଲେ ଓ ଆମପାଇଁ ପ୍ରାର୍ଥନା କଲେ ଯେ ମସ୍‌ଜିଦ୍ ର ଏହି ନିର୍ମାଣ କାର୍ଯ୍ୟ ବିନା କୌଣସି ଅସୁବିଧାରେ ସମ୍ପୂର୍ଣ୍ଣ ହୋଇଯାଉ ।

ଏହାପରେ Florstadt ସହରର ମେୟର ହର୍ବଟ ମୁଲର ସାହେବ୍ ନିଜର ଅଭିଭାଷଣ ପ୍ରଦାନ କରି ସର୍ବପ୍ରଥମେ ଉପସ୍ଥିତ ଲୋକମାନଙ୍କୁ କହିଲେ ଯେ, ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମାନରେ ନିଜର ବକ୍ତବ୍ୟକୁ ଇଂରାଜୀଭାଷାରେ ଉପସ୍ଥାପନ କରିବେ ।

ତା'ପରେ ସେ ଉପସ୍ଥିତ ଶ୍ରୋତାମାନଙ୍କୁ ସ୍ୱାଗତମ୍ ଜଣାଇଲେ ଓ ବିଶେଷରୂପେ ଏଥିରେ ଅନନ୍ଦିତ ହେଲେ ଯେ, ହଜୁର ଅନଓ୍ୱର Florstadt ପରି ଛୋଟିଆ ସହରକୁ ଆସିଛନ୍ତି । ଏହା ଏହି ସହର ପାଇଁ ମଧ୍ୟ ଅତ୍ୟନ୍ତ ସମ୍ମାନର କଥା । ପୁଣି ସେ କହିଲେ ଯେ, ସେ ଏକପ୍ରକାରର ବିଶେଷ ଗର୍ବ ଅନୁଭବ କରୁଛନ୍ତି କି, ତାଙ୍କୁ ଆଜି ହଜୁର ଅନଓ୍ୱରଙ୍କ ଆତିଥ୍ୟତା କରିବାର ସୌଭାଗ୍ୟ ମିଳିଛି ।

ମେୟର ସାହେବ କହିଲେ ଯେ,

ହଜୁର ଅନଓ୍ୱର ଅ:ବ:ଅ ତ ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟାର ମୁଖିଆ ଅଟନ୍ତି । ଆପଣ କେତେ ମିଲିୟନ୍ ଅହେମଦୀମାନଙ୍କର ଖଲିଫା ଅଟନ୍ତି । ଯମାତ୍ ଅହେମଦୀୟା ର ଯେଉଁ ମୋଟୋ ରହିଛି ପ୍ରେମ ସଭିଙ୍କପାଇଁ ଘୃଣା କାହାକୁ ନାହିଁ ଏହା ଅତ୍ୟନ୍ତ ପ୍ରୀୟ ଓ ଶାନ୍ତିର ବାର୍ତା ଅଟେ । ଏହି ମୋଟୋରୁ ଜଣାପଡୁଛି ଯେ, ସମସ୍ତଙ୍କ ସହିତ ପ୍ରେମ ଓ ସ୍ନେହ କରିବା ଉଚିତ ଓ ସମସ୍ତଙ୍କ ପାଇଁ ନିଜର ହୃଦୟକୁ ଖୋଲା ରଖିବା ଉଚିତ । ଏଥିରେ ଘୃଣା ଭାବ ଏବଂ ଚରମପନ୍ଥୀର କୌଣସି ସ୍ଥାନ ମିଳେନାହିଁ ।

ଏହାପରେ ମେୟର ସାହେବ୍ କହିଲେ ଯେ, ଆମେ ଇସାଇମାନଙ୍କୁ ଏକଥା ଶିଖିବାକୁ ହେବ ଯେ, ଆମେ ଏହି ଜ୍ଞାନକୁ ହାସଲ କରିବା କି ସବୁ ମୁସଲମାନମାନେ ଗୋଟିଏ ପ୍ରକାରର ନୁହନ୍ତି କିଛି ଏପରି ଶାନ୍ତିପ୍ରୀୟ ଏବଂ ପ୍ରେମ ଓ ଭଲ ପାଇବା ଗୋଷ୍ଠୀ ମଧ୍ୟ ଅଛନ୍ତି ଯେମିତି ଯମାତ୍ ଅହେମଦୀୟା ।

ପୁଣି ମେୟର ସାହେବ୍ କହିଲେ ଯେ, ଏହି ମସ୍‌ଜିଦ୍ ମୁବାରକ୍ Florstadt ର ଅହେମଦୀମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହା ହେଉଛି ଶହେଗୋଟି ମସ୍‌ଜିଦ୍ ନିର୍ମାଣ କରିବାର ଯୋଜନା ର ଗୋଟିଏ ଅଂଶ । ଯମାତ୍ ଅହେମଦୀୟା ହେଉଛି Florstadt ସହରର ଏକ ଆକ୍ଟିଭ୍ ଅଂଶବିଶେଷ । ଏବେ ମସ୍‌ଜିଦ୍ ନିର୍ମାଣ ହେବାପରେ ଆମେ ଏକଥା ଉପରେ ଚିନ୍ତା କରିବା ଯେ, ସର୍ବପ୍ରଥମେ ଆମେ ଏକଥାକୁ ସ୍ୱଷ୍ଟ କରିବା କି, ଯାହା ଦ୍ୱାରା ଆମ ଭିତରେ ଥିବା ସମାନତା ରହିଛି ଓ ପୁଣି ସେହି ସବୁ କଥାଗୁଡ଼ିକ ଉପରେ ପ୍ରେମ ଓ ସ୍ନେହର ସହିତ ବାର୍ତାଳାପ କରିବା ଯେଉଁ କଥାଗୁଡ଼ିକ ଭିତରେ ଆମର ମତଭେଦ ରହିଛି ।

ଶେଷରେ ମେୟର ସାହେବ୍ ମସ୍‌ଜିଦ୍ ନିର୍ମାଣ ପାଇଁ ଶୁଭକାମନାର ପ୍ରକାଶ କଲେ । ତତ୍‌ସହିତ ଏକଥା ମଧ୍ୟ କହିଲେ ଯେ, ଯେ କୌଣସି ବ୍ୟକ୍ତି ମଧ୍ୟ ମସ୍‌ଜିଦ୍‌କୁ ଆସିବାପାଇଁ ଚାହିଁବ ନିଶ୍ଚିତରୂପେ ଯମାତ୍ ତାଙ୍କୁ ସ୍ୱାଗତ କରିବ ।

ତା'ପରେ ଠିକ୍ ୧୨:୧୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

**ମସ୍‌ଜିଦ୍ ମୁବାରକ Florstadt ଜର୍ମାନୀର ଭିତିପ୍ରସ୍ତର ରଖିବା ଅବସରରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ହଜୁର ଅନଓ୍ୱର ଅ:ବ:ଅ ତଶହ୍ହୁଦ୍, ତଉଜ୍ ଏବଂ ତଶ୍ମିୟା ପାଠ କରିବାପରେ କହିଲେ,

ଉପସ୍ଥିତ ସମସ୍ତ ଅତିଥିମାନଙ୍କ ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବର୍‌କାତହୁ । ଏହା ଅଲ୍ଲାଃ ତାଲାଙ୍କର ବଡ଼ ଦୟା ଓ କୃପା ଯେ, ଯମାତ୍ ଅହେମଦୀୟା ଜର୍ମାନୀ ବିଭିନ୍ନ ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ପ୍ରୋଗ୍ରାମ ବନାଇଥିଲା, ଅଲ୍ଲାଃ ତାଲା ତାହା ସବୁ ପୁରଣ କରିବାପାଇଁ ସୌଭାଗ୍ୟ ପ୍ରଦାନ କରୁଛନ୍ତି । ଏହି Florstadt ସହରରେ ମଧ୍ୟ ଏହି ମସ୍‌ଜିଦ୍‌ଟି ତିଆରି ହେଉଅଛି । ଅମୀର୍ ସାହେବ୍ ନିଜର ପରିଚୟ ପ୍ରଦାନ ମୁଳକ ଭାଷଣରେ ବତାଇଥିଲେ ଯେ, ଏହି ସହରର ଇତିହାସରେ ଏପରି ଘଟଣାବଳୀ ମାନ ଘଟିଛି ଯଦ୍ୱାରା ଧାର୍ମୀୟ ବିଭେଦତା ମାତ୍ରାଧିକ ହୋଇଯାଇଛି । ଏବଂ ପୁଣି ଏହି ସହରର ଇତିହାସ ମଧ୍ୟ ୨୦୦୦ ବର୍ଷ ପୁରୁଣା ଇତିହାସ ଏବଂ ଏହି ସହର ଉପରେ ଭିନ୍ନ ଭିନ୍ନ ଯୁଗ ଆସିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ନିଶ୍ଚିତରୂପେ ଯମାତ୍ ଅହେମଦୀୟା ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଏହି ଜମି ଖଣ୍ଡକ ହାସଲ କରିବା ନିମନ୍ତେ ଯେଉଁ ଚେଷ୍ଟା କରିଥିବ ସେତେବେଳେ ଏଠିକାର ବାସିନ୍ଦାମାନଙ୍କ ମଧ୍ୟରେ ସଙ୍କା ସୃଷ୍ଟି ହୋଇଥିବ ଯେ, ଧାର୍ମିୟ ବିଭେଦତା ଏଠିକାର ପୂରୁଣା ଇତିହାସ ରହିଛି ଏବେ ଏ ସହରରେ ଏକପ୍ରକାର ଶାନ୍ତି, ସ୍ଥିରତା, ପ୍ରେମ ଏବଂ ସ୍ନେହର ପରିବେଶ ରହିଛି ତେଣୁ ଏହା ଦ୍ୱାରା ପୁର୍ନବାର ଏହି ମୁସଲମାନମାନଙ୍କର ଆଗମନ ଯୋଗୁଁ ଓ ଏଠାରେ ମସ୍‌ଜିଦ୍ ନିର୍ମାଣ ହେବା ଯୋଗୁଁ ସେହି ଧାର୍ମିୟ ମତଭେଦ ପୁର୍ନବାର ସୃଷ୍ଟି ନ ହୋଇଯାଉ ଓ ମତଭେଦର ସେହି ପୁରୁଣା ଇତିହାସର ପୁନରାବୃତି ନ ହେଉ । ନିଶ୍ଚିତରୂପେ ଏହା ଏକ ବଡ଼ ସଂଶୟ । ଯଦି ଏଠିକାର ବାସିନ୍ଦାମାନଙ୍କର ମନ ଭିତରେ ଏହା ସୃଷ୍ଟି ହୋଇଥିବ କିନ୍ତୁ ଯମାତ୍ ଅହେମଦୀୟାର ୧୨୫ ବର୍ଷର ଇତିହାସ ରହିଛି । ଯଦିଚ ଯମାତ୍ ର ଇତିହାସରେ ଏହା ବହୁତ ପୁରୁଣା ଇତିହାସ ନୁହେଁ କିନ୍ତୁ ଏହି ଶହେ ବର୍ଷରୁ ଅଧିକା ଇତିହାସ ଏକଥାର ମୁକସାକ୍ଷି ଅଛି ଯେ, ଆମ କର୍ମ, ଆମ କାର୍ଯ୍ୟନମୁନା ଏବଂ ଆମ କଥାରୁ ପ୍ରେମ ଓ ସ୍ନେହ ଛଡ଼ା ଆଉ କିଛି ସୃଷ୍ଟି ହୋଇନାହିଁ । ଇନ୍‌ଶାଅଲ୍ଲାଃ ଏଠାରେ ମଧ୍ୟ ମସ୍‌ଜିଦ୍ ତିଆରି ହେବାପରେ ଏହି ପ୍ରେମ ଓ ସ୍ନେହଭାବ ଉପରକୁ ଉଠିଆସିବ ଏବଂ କାଉନ୍‌ସିଲ୍, ମେୟର ଏବଂ ଲୋକମାନଙ୍କର ମସ୍‌ଜିଦ୍ ନିର୍ମାଣ ନିମନ୍ତେ ଅନୁମତି ଦେବା ଏକଥାର ପ୍ରମାଣ ଯେ, ଯେଉଁ ଅହେମଦୀମାନଙ୍କୁ ସେମାନେ ଏ ପର୍ଯ୍ୟନ୍ତ ଏଠାରେ ଦେଖିଛନ୍ତି ସେମାନଙ୍କୁ ଶାନ୍ତିପ୍ରୀୟ ଓ ପ୍ରେମ କରୁଥିବା ବ୍ୟକ୍ତିରୂପେ ପାଇଛନ୍ତି । ତେବେ ଯାଇ ତ ତାଙ୍କୁ ଅନୁମତି ଦିଆଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପୁଣି ଆମେ ଏହି ମସ୍‌ଜିଦ୍‌ର ନାମ ମସ୍‌ଜିଦ୍ ମୁବାରକ ରଖିଅଛୁ ଅର୍ଥାତ ଏହା ପ୍ରତି କ୍ଷେତ୍ରରୁ ବୈଭବପୂର୍ଣ୍ଣ ହେଉ । ସେହି ବର୍‌କତ୍ ତାକୁ ଲାଭ ହେଉ ଓ ଏହାର ନିର୍ମାଣ ହେବାପରେ ତାହା ସବୁ ଏଥିରୁ ପରିପ୍ରକାଶ ହେଉ ଅଥବା ଏଠାରେ ଉପାସନା କରିବାକୁ ଆସୁଥିବା ଲୋକମାନଙ୍କ ଦ୍ୱାରା ପ୍ରକାଶ ହେଉ ଯାହା ଅଲ୍ଲାଃ ତାଲା ଚାହୁଁଛନ୍ତି । ଏବଂ ଅଲ୍ଲାଃ ତାଲା ପୁଣି ଏଠାକୁ ଆସୁଥିବା ଲୋକମାନଙ୍କୁ ସେହି ସବୁ ପୂଣ୍ୟ କର୍ମଗୁଡ଼ିକୁ ଜାରି ରଖିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଯିଏ ଏହି ପୃଥିବୀ ଆକାଶର ସୃଷ୍ଟିକର୍ତା ସେ ନିଜ ପ୍ରାଣୀଜଗତର ମଙ୍ଗଳ ଚାହିଁଥାଏ ଓ ତା'ର ମଙ୍ଗଳ ଆମକୁ ଏପରି ଜଣା ପଡ଼ିଥାଏ ଉଦାହରଣ ସ୍ୱରୁପ ଆମ ଧାର୍ମିକ ପୁସ୍ତକ ପବିତ୍ର କୁର୍‌ଆନ୍ ନିଜର ପ୍ରଥମ ସୁରାଃ ରେ ଏ ଶିକ୍ଷା ଦେଇଛି ଯେ, ଅଲ୍ଲାଃ ତାଲାଙ୍କର ଚାରିଗୋଟି ମୂଳ ବିଶେଷଗୁଣ ଅଛି । ସେ ପାଳନକର୍ତା, ଦୟାଳୁ, ଏବଂ ମାଗୁଥିବା ବ୍ୟକ୍ତିକୁ ପ୍ରଦାନକାରୀ ଅଟେ । ଏବଂ ଦଣ୍ଡ ଓ ପୁରସ୍କାର ଦିଆଯିବା ଦିନର ମାଲିକ ଅଟନ୍ତି । ଯେଉଁ ଲୋକମାନେ ପୂଣ୍ୟ କାର୍ଯ୍ୟ କରିଥାନ୍ତି ସେ ସେମାନଙ୍କୁ ତା'ର ପ୍ରତିଫଳ ପ୍ରଦାନ କରିଥାଏ । ଯେଉଁ ପ୍ରଥମ ବିଶେଷଗୁଣ ଅଛି ପାଳନକର୍ତା ସେଥିରୁ ପ୍ରକାଶ ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତି ବରଂ ସମସ୍ତ ପ୍ରାଣୀ ଜଗତ ଯାହାକୁ ସେ ଏ ଦୁନିଆରେ ସୃଷ୍ଟି କରିଛି । ସେ ସମସ୍ତଙ୍କର ପାଳନକର୍ତା ଏବଂ ସମସ୍ତଙ୍କୁ ସେ ଜୀବିକା ଯୋଗାଇ ଦେଇଛି । ପବିତ୍ର କୋରାନ୍‌ରେ ଗୋଟିଏ ଉଦାହରଣ ଏପରି ମଧ୍ୟ ଦିଆଯାଇଛି ଯେ, ପଶୁ ଏବଂ ପକ୍ଷୀମାନଙ୍କୁ ଅଲ୍ଲାଃ ତାଲା ଜୀବିକା ଯୋଗାଇ ଦିଅନ୍ତି ଯେଉଁଭଳି ତୁମମାନଙ୍କୁ ସେ ଯୋଗାଇଥାଏ । ତେଣୁ ଅଲ୍ଲାଃ ତାଲା କୌଣସି ଖାସ୍ ଗୋଷ୍ଠୀକୁ ଆଖି ଆଗରେ ରଖି ଏକଥାର ବ୍ୟବସ୍ଥା କରିନାହାନ୍ତି । ସେ ମୁସଲମାନ ହୁଅନ୍ତୁ ବା ଇସାଇ ବା ହିନ୍ଦୁ ବା ଇହୁଦୀ ବା ଯେକୌଣସି ସମ୍ପ୍ରଦାୟର ମଧ୍ୟ ହେଉ ଏପରି କି ଯଦି କିଏ ଧର୍ମ ଉପରେ ବିଶ୍ୱାସ ରଖିନଥାଉ, ସମସ୍ତଙ୍କର ପାଳନକର୍ତା ହେଉଛନ୍ତି ଖୁଦାତାଲା । ସେ ସମସ୍ତଙ୍କୁ ଜୀବିକା ଯୋଗାଇ ଦେଇଥାନ୍ତି ଓ ସେମାନଙ୍କ ପାଇଁ ମଧ୍ୟ ତାହା ରହ୍‌ମାନିୟତ୍ (କରୁଣାମୟ) ର ବିଶେଷଗୁଣ ଜାରି ରହିଛି । ସେ ଦୟା କରିଥାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଦୟା କରିଥାନ୍ତି । ସୁତରାଂ ଯେବେ ଆମେ ଏ ପ୍ରସଙ୍ଗରେ କଥା ହୋଇଥାଉ କି, ଅଲ୍ଲାଃ ତାଲାଙ୍କ ବର୍‌କାତ୍ ଆମେ ହାସଲ କରିବା ସେତେବେଳେ ଏହି ବର୍‌କତ୍ ଶବ୍ଦ ସହିତ ହିଁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ, ଖୁଦାତାଲାଙ୍କର ଯେଉଁ ମୁଳ ବିଶେଷଗୁଣ ରହିଛି ତାହା ଉପରେ ମଧ୍ୟ ଚିନ୍ତା କରାଯାଉ । ପୁଣି ଅଲ୍ଲାଃ ତାଲା ଏହା ମଧ୍ୟ କହିଛନ୍ତି ଯେ, ଏହି ସମସ୍ତ ବିଶେଷଗୁଣ ଗୁଡ଼ିକୁ ଲୋକମାନେ ମଧ୍ୟ ଆପଣାନ୍ତୁ । ସୁତରାଂ ଯେତେବେଳେ ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ କରୁଥିବା ଲୋକମାନେ ଏହି ବିଶେଷଗୁଣ ଗୁଡ଼ିକୁ ଆପଣାଇବେ ସେତେବେଳେ ସେମାନେ ନିଜ ପରିବେଶରେ ମଧ୍ୟ ଏପରି ବ୍ୟବସ୍ଥା କରିବେ ଯେଉଁଠି ଅନ୍ୟମାନଙ୍କ ପାଇଁ ସହଜ ଓ ସୁବିଧା ସୃଷ୍ଟି ହେଉଥିବ । ଅନ୍ୟମାନଙ୍କ ପାଇଁ କରୁଣା ସୃଷ୍ଟି ହେଉ ଓ ଅଭାବି ଲୋକମାନଙ୍କର ଅଭାବକୁ ପୁରଣ କରାଯାଉ । ଅତଃ ଏହି ସମସ୍ତ ଚିନ୍ତାଧାରା ଉପରେ ଆଧାରିତ ଆମ ମସ୍‌ଜିଦ୍ ନିର୍ମାଣ ହୋଇଥାଏ ଓ ଏହି ମନୋଭାବକୁ ନେଇ ଆମେ ଯେଉଁଠାକୁ ଯାଇଥାଉଁ, ସେଠାରେ ବସବାସ କରୁଥାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୁଁ ମେୟର୍ ସାହେବଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି । ଯେଉଁଭଳି ମେୟର ସାହେବ ଏବେ ଏଠାରେ କହିଲେ ଯେ ସେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ବହୁତ ସାହାଯ୍ୟ କରିଛନ୍ତି । କାଉନ୍‌ସିଲର ସାହେବଙ୍କୁ ମଧ୍ୟ ଧନ୍ୟବାଦ । ଲୋକମାନଙ୍କୁ ମଧ୍ୟ ଧନ୍ୟବାଦ ଯେ ସେମାନେ ଖୋଲୋ ହୃଦୟରେ ଏଠାରେ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନୁମତି ଦେଲେ । ଏହି ସହରର ଲୋକ ସଂଖ୍ୟା ବହୁତ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

କମ୍ । ଏହା ସତ୍ତ୍ୱ ମଧ୍ୟ ବହୁ ସଂଖ୍ୟାରେ ଲୋକମାନେ ଏଠାକୁ ଆସଛନ୍ତି । ସେମାନଙ୍କର ଏଠାକୁ ଆସିବା ଏହା ପ୍ରମାଣ କରୁଛି ଯେ ଆପଣମାନେ ହେଉଛନ୍ତି ଖୋଲା ହୃଦୟ ରଖିଥିବା ଲୋକେ ଏବଂ ଖୋଲା ହୃଦୟରେ ଏଠାରେ ମୁସଲମାନମାନଙ୍କୁ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନୁମତି ଦେଇଛନ୍ତି । ଯେବେ କି ଏବେ ଦୁନିଆରେ ମୁସଲମାନମାନଙ୍କ ସମ୍ବନ୍ଧରେ ଅନେକ ଶଙ୍କା ମଧ୍ୟ ରହିଛି ଯେ କାଳେ ଏହି ମସ୍‌ଜିଦ୍ ଦ୍ୱାରା ଘୃଣାଭାବ ଜାହିର ନ ହୋଇଯାଉ । କିନ୍ତୁ ଯେହେତୁ ଆପଣମାନେ ଯମାତ୍‌ର ଆଚରଣ ଓ ବ୍ୟବହାର ଦେଖିସାରିଛନ୍ତି, ସେମାନଙ୍କର ଆପଣଙ୍କ ସହିତ ସୁସମ୍ପର୍କ ରହିଛି । ସେଥିଯୋଗୁଁ ଆପଣମାନେ ସେହି ସୁସମ୍ପର୍କର ପ୍ରତିବଦଳରେ ପ୍ରେମ ଓ ସ୍ନେହ ଦେଇଛନ୍ତି । ସେଥିଯୋଗୁଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯମାତ୍ ଅହେମଦୀୟା ଏକ ମିଶ୍‌ନାରୀ ଯମାତ୍ । ଯେଉଁଠି ମଧ୍ୟ କାହାର ଆବଶ୍ୟକ ପଡ଼େ ଆମେ କୌଣସି ପ୍ରକାରର ସଙ୍କୋଚ ନ କରି ପ୍ରତ୍ୟେକଙ୍କୁ ସାହାଯ୍ୟ କରିଥାଉଁ । ଅମୀର ସାହେବ ସାହାଯ୍ୟ ସହଯୋଗ ସମ୍ବନ୍ଧରେ କହିଛନ୍ତି । ଜର୍ମାନୀ ତ ଏକ ଉନ୍ନତ ରଷ୍ଟ୍ର ଏଠାରେ କାହାକୁ ଆର୍ଥିକ ସାହାଯ୍ୟ ନେବାର ଆବଶ୍ୟକ ନାହିଁ । ଶିକ୍ଷାର ସାହାଯ୍ୟ ନେବା ବୋଧ ହୁଏ କାହାକୁ ଆବଶ୍ୟକ ନଥିବ । ମେଡ଼ିକାଲ ସାହାଯ୍ୟର କାହାକୁ ଆବଶ୍ୟକତା ନଥିବ । କିନ୍ତୁ ପୃଥିବୀରେ ଏମିତି ବହୁତ ଗରୀବ ଦେଶ ଅଛନ୍ତି, ଆଫ୍ରୀକାରରେ ଆମେ ଶିକ୍ଷାଗତ ସୁବିଧା ଯୋଗାଇ ଦେଇଛୁ ଓ ଏହା ଧର୍ମ, ବର୍ଣ୍ଣ, ଜାତି ନିର୍ବିଶେଷରେ ସମସ୍ତଙ୍କୁ ଯୋଗାଇ ଦେଇଅଛୁ । ଏହିପରି ପାଣି ଓ ବିଜୁଳୀବତୀର ବ୍ୟବସ୍ଥା ପାଇଁ ଆଫ୍ରିକା ଦେଖଗୁଡ଼ିକରେ ଆମର ଅନେକ ପ୍ରୋଜେକ୍ଟ ଜାରି ରହିଛି । ମୁଁ ପୂର୍ବରୁ ମଧ୍ୟ ଥରେ ଏଠି ଜର୍ମାନୀରେ ଚର୍ଚ୍ଚା କରିସାରିଛଇ । ଆପଣମାନଙ୍କୁ ମଧ୍ୟ ବତାଇ ଦେଉଛି ଯେ ଆପଣଙ୍କର ଏଠାରେ ଛୋଟିଆ ଛୋଟିଆ ସହରରେ ଯେଉଁଠି ଦଶହଜାର ଲୋକସଂଖ୍ୟା ଅଛି, ଏଠାରେ ସବୁ ପ୍ରକାରର ସୁବିଧା ସୁଯୋଗ ଉପଲବ୍ଧ । ଆପଣମାନଙ୍କର ନିକଟରେ ସଡ଼କ ସୁବ୍ୟବସ୍ଥା, ପାଣିର ସୁବ୍ୟବସ୍ଥା ରହିଛି ବିଜୁଳୀର ବ୍ୟବସ୍ଥା ଅଛି । କିନ୍ତୁ ପୃଥିବୀରେ ବହୁତ ସହର ଏପରି ଅଛନ୍ତି । ଜନବହୁଳ ହେବା ସତ୍ତ୍ୱେ ମଧ୍ୟ ଶହ ଶହ ଲୋକ ପାଣି ସୁବିଧାରୁ ବଂଚିତ ରହିଛନ୍ତି । ସେମାନଙ୍କର ପିଲାମନେ ନିଜ ମୁଣ୍ଡ ଉପରେ ବାଲ୍‌ଟି ରଖି କେତେ କିଲୋମିଟର ପାଦରେ ଚାଲି ଚାଲି ସେଠାରେ ଥିବା ମଇଳା ପୋଖରୀରୁ ମଇଳା ପାଣି ନେଇ ଆସୁଛନ୍ତି । ସେଠାରେ ସଫାପାଣି ମିଳୁନାହିଁ ତେଣୁ ସେହି ମଇଳା ପାଣଟିକୁ ଘରେ ଆଣି ସଫା କରି ପିଉଛନ୍ତି । ବେଳେବେଳେ ସେହି ମଇଲା ପାଣିକୁ ମଧ୍ୟ ପିଇବା ପାଇଁ ବାଧ୍ୟ ହେଉଛନ୍ତି । ସେଥିଯୋଗୁଁ ବେମାର ମଧ୍ୟ ହେଉଛନ୍ତି ଓ ବେମାରି ବ୍ୟାପୁଛି । ସେଠାରେ ଯେତେବେଳେ ଯମାତ୍ ହ୍ୟାଣ୍ଡପମ୍ପ ଲଗାଉଛି ବା ପାଣିର ବ୍ୟବସ୍ଥା କରୁଛି, ଟ୍ୟାପ ଓ୍ୱାଟର୍‌ର ବ୍ୟବସ୍ଥା ଯୋଗାଇ ଦେଉଛି, ସେତେବେଳେ ସେହି ଲୋକମାନଙ୍କର ଖୁସି କହିଲେ ନ ସରେ । ଏହି ବ୍ୟବସ୍ଥା ସମସ୍ତଙ୍କ ପାଇଁ ଯମାତ୍ ଯୋଗାଇ ଦେଇଥାଏ । ଏପରି ନୁହେଁ କି କେବଳ ଅହେମଦୀ ବା ମୁସଲମାନମାନଙ୍କୁ ଦେଇଥାଏ ବରଂ ଇସାଇମାନଙ୍କୁ ଓ ପ୍ରତ୍ୟେକ ଧର୍ମ ଓ ଜାତିର ଲୋକଙ୍କୁ ଏପରି କି ନାସ୍ତିକ ମାନଙ୍କୁ ମଧ୍ୟ ଯୋଗାଇ ଦେଇଥାଏ । ଆମେ ଅଲ୍ଲାଃଙ୍କ କୃପାରୁ ସମସ୍ତଙ୍କର ସେବା କରିଥାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମେମ୍ବର ଅଫ୍ ପାର୍ଲାମେଂଟ ଆମ ଗହଣରେ ଉପସ୍ଥିତ ଅଛନ୍ତି । ମୁଁ ତାଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁଅଛି ଯେ ସେ ସମୟ ବାହାର କରି ଏଠାକୁ ଆସିଛନ୍ତି । ଏ କଥା ଶୁଣି ମତେ ବହୁତ ଖୁସି ଲାଗିଲା ଯେ ତାଙ୍କୁ ମସ୍‌ଜିଦ୍‌ର ଉଦ୍ଦେଶ୍ୟ ବିଷୟରେ ଜଣାଅଛି, ଏ ସମ୍ବନ୍ଧରେ ସେ ତାଙ୍କ ଭାଷଣରେ ପ୍ରକାଶ କଲେ । ଯେଉଁ କଥା ମତେ କହିବାର ଥିଲା । କିଛି କଥା ମୁଁ ମସ୍‌ଜିଦ୍ ସମ୍ବନ୍ଧରେ କହିଛି କିନ୍ତୁ ଏହାଠାରୁ ବଳି ଅଧିକା କଥା ସେ ମସ୍‌ଜିଦ୍ ସମ୍ବନ୍ଧରେ କହିଛନ୍ତି, ଓ ଏହାର ବିଭିନ୍ନ ଉଦ୍ଦେଶ୍ୟକୁ ବର୍ଣ୍ଣନା କରିଛନ୍ତି । ଏଥିରୁ ଏହା ପ୍ରକାଶ ହେଉଛି ଯେ ଆମ ଯମାତ୍ ସହିତ ତାଙ୍କର ସୁସମ୍ପର୍କ ରହିଛି ଓ ଆମ ଶିକ୍ଷାକୁ ସେ ବୁଝିଛନ୍ତି ଓ ଏହାକୁ ଖୋଲାଖୋଲି ପ୍ରକାଶ ମଧ୍ୟ କରୁଛନ୍ତି । ସେ ଭୟ କରୁନାହାନ୍ତି । ଏହି କଥା ମଣିଷର ବଡ଼ ପଣିଆକୁ ଜାହିର୍ କରିଥାଏ । ଏକଥା ଯଦି ପ୍ରତ୍ୟେକଙ୍କ ଭିତରେ ସୃଷ୍ଟି ହୋଇଯାଏ ତେବେ ଏହି ମାହୋଲ୍‌ରେ ପ୍ରେମ ଓ ସଦ୍‌ଭାବନାର ପରିବେଶ ସ୍ଥାପନ ହୋଇଥାଏ । ସାଂସାରିକ ଅଧିକାର ବିଷୟରେ ମଧ୍ୟ ସେ ଚର୍ଚ୍ଚା କଲେ ଏବଂ ସହିଷ୍ଣୁତା ବିଷୟରେ ମଧ୍ୟ ସେ ଚର୍ଚ୍ଚା କଲେ । ଏହି ଦୁଇଟି ହେଉଛି ଅତ୍ୟନ୍ତ ବୁନିଆଦି ଜିନିଷ । ଯଦି ସହିଷ୍ଣୁତା ରହିବ ତେବେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ଏବଂ ସମସ୍ତେ ମିଳିମିଶି ରହିପାରିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: କେତେକ ମୁସଲମାନ ଏପରି ଅଛନ୍ତି ସେମାନଙ୍କର କାର୍ଯ୍ୟ ନମୁନା ଏପରି ହୋଇ ନଥାଇ ପାରେ କାରଣ ସମସ୍ତେ ଗୋଟିଏ ପ୍ରକାରର ନୁହନ୍ତି କିନ୍ତୁ ଯମାତ୍ ଅହେମଦୀୟା ସେହି ଶିକ୍ଷା ଉପରେ ପରିଚାଳିତ ହୋଇଥାଏ ଯାହା ଆମକୁ ପବିତ୍ର ପୁସ୍ତକ କୁର୍‌ଆନ୍‌ରେ ଶିକ୍ଷା ଦିଆଯାଇଅଛି । ତାହାର ସାରାଂଶ ହେଉଛି ଏହା କି ତୁମେ ନିଜର ଅଧିକାରକୁ ନେବା ପରିବର୍ତ୍ତେ ଅନ୍ୟମାନଙ୍କ ଅଧିକାରକୁ ଦେବାପାଇଁ ଚେଷ୍ଟା କର । ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଯାହାଙ୍କୁ ଆମେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ରୂପେ ମାନୁଅଛୁ, ସେ ମଧ୍ୟ ଏହି ଶିକ୍ଷା ଦେଇଛନ୍ତି ଯେ ମୁଁ ଦୁଇଟି ଅଧିକାରକୁ ପ୍ରତିଷ୍ଠା କରିବାପଇଁ ଆସିଛି । ଗୋଟିଏ ହେଉଛି ଈଶ୍ୱରଙ୍କ ଅଧିକାର ଯେ ତାହାଙ୍କର ଉପାସନା କର ଓ ତା ସମ୍ମୁଖରେ ମୁଣ୍ଡ ନୁଆଁଅ, ତା କଥା ମାନ । ଦ୍ୱିତୀୟରେ ଲୋକମାନଙ୍କର ଅଧିକାର । ଅର୍ଥାତ ଅନ୍ୟମାନଙ୍କୁ ତାଙ୍କର ଅଧିକାର ଦେବାପାଇଁ ଚେଷ୍ଟା କର କାରଣ ଏହା ଦ୍ୱାରା ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପରିବେଶ ସୃଷ୍ଟି ହୋଇଥାଏ । ଅତଃ ଏହି ଦୁଇଟି ଉଦ୍ଦେଶ୍ୟ ରହିଛି । ଏହି ଦୁଇଗୋଟି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଆମେ ମସ୍‌ଜିଦ୍ ବି ନିର୍ମାଣ କରୁଅଛୁ କାରଣ ଯେଉଁଠି ମସ୍‌ଜିଦ୍ ଉପାସନା କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ ସେଠାରେ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ । ମସ୍‌ଜିଦ୍‌ରେ ଆମେ ଏ ଯୋଜନା ବି କରିଥାଉଁ ଯେ କିଭଳି ଆମ ସମାଜରେ ନିଜ ପଡ଼ୋଶୀଙ୍କ ଅଧିକାରକୁ ପ୍ରଦାନ କରାଯାଇପାରିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୁଁ ମେୟର ସାହେବଙ୍କର ଶେଷରେ କୃତଜ୍ଞତା ଜ୍ଞାପନ କରୁଅଛି ଯେ ସେ ଏଠାକୁ ଆସି ଅତିଥିପରାୟଣତାର ଅଧିକାରକୁ ପ୍ରଦାନ କଲେ ଓ ଏଠାରେ ଏତେ ସଂଖ୍ୟକ ଜର୍ମାନୀୟ ଅତିଥି ଥିବା ସତ୍ତ୍ୱେ ମଧ୍ୟ ସେ ସେହି ଭାଷାରେ ଭାଷଣ ପ୍ରଦାନ କଲେ ଯାହାକୁ ମୁଁ ବୁଝିପାରୁଥିଲି । ତତ୍‌ସହିତ ମୁଁ ବହୁତ ଦୁଃଖିତ ଯେ ମୁଁ ସେହି ଭାଷାରେ ଭାଷଣ କରିପାରିନାହିଁ ଯେଉଁଭାଷାକୁ ସେ ବୁଝୁଛନ୍ତି । ମୁଁ ଆଶ କରୁଛି ଯେ ସେ ମତେ ଏଥିଯୋଗୁଁ କ୍ଷମା କରିଦେବେ । ସେ ଯାହା ହେଉ ମେୟର ସାହେବ ମଧ୍ୟ ଏଠି ଅହେମଦୀମାନଙ୍କର ବହୁତ ସାରା ବିଶେଷତର ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ଅଲ୍ଲାଃ କରନ୍ତୁ ଯେ ଏହି ସବୁ ବିଶେଷତା ଅହେମଦୀମାନଙ୍କ ମଧ୍ୟରେ ସର୍ବଦା କାଏମ୍ ରହୁ । ବଢ଼ି ବଢ଼ି ଚାଲୁ । ମସ୍‌ଜିଦ୍‌ର କାନ୍ଥ ଯେତେ ଯେତେ ଉପରକୁ ଉଠି ଚାଲୁଥିବ ବା ମସ୍‌ଜିଦ୍‌ର Structure ଯେତେଯେତେ ପ୍ରସ୍ତୁତ ହୋଇ ଚାଲୁଥିବ ସେତେସେତେ ଅହେମଦୀମାନଙ୍କ ନିଷ୍ଠା ଓ ଭକ୍ତି ଏବଂ ପଡ଼ୋଶୀମାନଙ୍କ ସହିତ ସଦ୍ ବ୍ୟବହାର ବଢ଼ି ବଢ଼ି ଚାଲୁ । ଯେତେବେଳେ ମସ୍‌ଜିଦ୍‌ଟି ନିର୍ମାଣ ହୋଇଯିବ ସେତେବେଳେ ଅଲ୍ଲାଃଙ୍କ ଅଧିକାର ଏବଂ ଲୋକମାନଙ୍କର ଅଧିକାର ଏଠାରେ ଦେଖିବାକୁ ମିଳୁ ବରଂ ପ୍ରତ୍ୟେକ ଅହେମଦୀ ବାସ୍ତବିକ ପକ୍ଷେ ଅଲ୍ଲାଃଙ୍କ ଅଧିକାରକୁ ପ୍ରଦାନ କରିବାବାଲା ମଧ୍ୟ ହୁଅନ୍ତୁ ଓ ଲୋକମାନଙ୍କ ଅଧିକାରକୁ ପ୍ରଦାନକାରୀ ମଧ୍ୟ ହୁଅନ୍ତୁ ଓ ଏଥିରେ ବଢ଼ି ଚାଲନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅମୀର ସାହେବ ନିଜ ଭାଷଣରେ କହିଥିଲେ ଯେ ଏହି ମସ୍‌ଜିଦ୍‌ର ସମ୍ପୁର୍ଣ୍ଣ ଏରିଆ ଏପରି ରହିଛି ଯେ ଯଦି ଗୋଟିଏ ଘର ଆକାରରେ ଦେଖାଯାଏ ତେବେ ଏଥିରେ ଗୋଟିଏ ବା ଦୁଇଟି ପରିବାର ରହିପାରିବେ କିନ୍ତୁ ଏଠାକୁ ଯମାତ୍ ଆସିବ । ମସ୍‌ଜିଦ୍‌କୁ ଆସି ଏକ ଅଲ୍ଲାଃଙ୍କ ଉପାସନା କରିବାକୁ ହେବ ଯଦ୍ୱାରା ଖୁଦାଙ୍କ ଅଧିକାର ପ୍ରଦାନ ହେବ । ପୁଣି ମସ୍‌ଜିଦ୍‌କୁ ଆସି ଲୋକମାନଙ୍କର ଅଧିକାର ମଧ୍ୟ ପ୍ରଦାନ କରିବାକୁ ହେବ । ଆପଣମାନେ ନିଜ ନିଜର ହୃଦୟକୁ ଖୋଲା ରଖିବେ । ସାଧାରଣତଃ ଘରେ ଗୋଟିଏ କୋଠରୀରେ ଜଣେ ବା ଦୁଇଜଣ ରହିଥାନ୍ତି କିନ୍ତୁ ଯଦି ମନ ଖୋଲା ଅଛି, ସାହାସ ଅଛି ତେବେ ଯଦି କୌଣସି ଅତିଥି ଆସିଯାଆନ୍ତି ତେବେ ତାଙ୍କୁ ମଧ୍ୟ ଘରେ ରଖାଯାଇଥାଏ । ବେଳେବେଳେ ଏମିତି ପରିସ୍ଥିତି ଆସିଥାଏ ଯେ ଗୋଟିଏ ରୁମ୍‌ରେ ଯେଉଁଠି ଦୁଇଜଣଙ୍କ ପାଇଁ ଶୋଇବାର ବ୍ୟବସ୍ଥା ଥାଏ, ସେଠାରେ ଦଶ ଦଶ ଜଣ ଲୋକ ମଧ୍ୟ ରହିଥାନ୍ତି । ଆମ ମସ୍‌ଜିଦ୍ ତ ଏଥିପାଇଁ ନିର୍ମାଣ କରାଯାଇଥାଏ କି ଏଠାରେ ଆସି ଉପାସନା କରୁଥିବା ଲୋକମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରାଯାଉ ଏବଂ ଏଠାରେ ଅଧିକରୁ ଅଧିକ ଲୋକଙ୍କୁ ରହିବାପାଇଁ ଚେଷ୍ଟା କରାଯାଉ । ଏହା ଏପରି ସ୍ଥଳରେ ସମ୍ଭବ ହେବ ଯେବେ

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏ ମସ୍‌ଜିଦ୍‌କୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏ ଚିନ୍ତାଧାର ରଖି ଆସୁଥିବ ଯେ ମୁଁ ଅଲ୍ଲାଃଙ୍କ ଅଧିକାରକୁ ପ୍ରଦାନ କରିବି ଏବଂ ତାହାଙ୍କ ବିଶେଷଗୁଣ ସବୁକୁ ଆପଣେଇବି ତତ୍‌ସହିତ ଲୋକମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରିବି, ଯାହା ଅଲ୍ଲାଃ ଆମଠାରୁ ଚାହୁଁଛନ୍ତି ତାହା କରିବାକୁ ସମ୍ପୁର୍ଣ୍ଣ ଚେଷ୍ଟା କରିବି । ଅତଃ ଅହେମଦୀମାନେ ଯେତେବେଳେ ଏଥିପ୍ରତି ଧ୍ୟାନ ଦେବେ ଓ ମସ୍‌ଜିଦ୍ ବନିବା ସହିତ ଏହା ଅଧିକ ପ୍ରକାଶ ହେବ, ସେତେବେଳେ ଇନ୍‌ଶାଅଲ୍ଲାଃ ତାଲା ଏଠିକାର ଲୋକମାନଙ୍କୁ ଆହୁରି ଅଧିକ ଜଣାପଡ଼ିବ ଯେ ଯମାତ୍ ଅହେମଦୀୟାର ସଦସ୍ୟମାନେ ପ୍ରେମ, ଭଲ ପାଇବା ଓ ଭାଇଚାରାକୁ ପ୍ରଚାର ପ୍ରସାର କରୁଥିବା ଲୋକ ଅଟନ୍ତି । ଏହା ହେଉଛି ଆମ ଶିକ୍ଷା ଓ ଏହା ହେଉଛି ଆମର ଉଦ୍ଦେଶ୍ୟ । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆପଣମାନଙ୍କ ପ୍ରତି କ୍ଷେତ୍ରରୁ ଏହି ମସ୍‌ଜିଦ୍‌ର ହକ୍ (ଅଧିକାର)କୁ ପ୍ରଦାନକାରୀ ହୁଅନ୍ତୁ । (ଆମିନ୍)

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ୧୨:୩୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଅଭିଭାଷଣ ପରେ ହଜୁର ଅନଓ୍ୱର ଅ:ବ:ଅ ସେହି ସ୍ଥାନକୁ ଗଲେ ଯେଉଁଠି ମସ୍‌ଜିଦ୍ ମୁବାରକ୍‌ର ମୁଳଦୁଆ ପଥର ରଖାଯିବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ଦୁଆ ସହିତ ମୁଳଦୁଆ ଇଟା ରଖିଲେ ତା'ପରେ ହଜ୍‌ରତ୍ ବେଗମ୍ ସାହିବା ମଦ୍‌ଜିଲହଲ୍ ଆଲି ଦ୍ୱିତୀୟ ଇଟା ରଖିଲେ ପୁଣି ତା'ପରେ କ୍ରମାନୁସାରେ ନିମ୍ନଲିଖିତ ଯମାତ୍‌ର ଓ୍ୱହଦାଦାରମାନେ ଓ ବ୍ୟକ୍ତିବିଶେଷଙ୍କୁ ଗୋଟିଏ ଗୋଟିଏ ଇଟା ରଖିବାର ସୌଭାଗ୍ୟ ପ୍ରାପ୍ତ ହେଲା ।

୧. ମୋକରମ୍ ଅବଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ନ୍ୟାସନାଲ ଅମୀର ଯମାତ୍ ଅହେମଦୀୟା ଜର୍ମାନୀ

୨. ମେୟର ହର୍ବଟ ମୁଲର୍ ସାହେବ୍

୩. ମେମ୍ବର ଅଫ୍ ନ୍ୟାସନାଲ ପାର୍ଲାମେଂଟ ବେଟିନା ମୁଲର୍ ସାହିବା

୪. ଅବଦୁଲ୍ ମାଜିଦ୍ ତାହେର୍ ସାହେବ୍ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍

୫. ମୋକରମ୍ ହଇଦର୍ ଅଲୀ ଜଫର୍ ସାହେବ୍ ମୁବ୍‌ଲିଗ୍ ଇନଚାର୍ଜ ଜର୍ମାନୀ

୬. ମୋକରମ୍ ମୁବାରକ୍ ଅହମଦ୍ ଜଫର୍ ସାହେବ୍ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍

୭. ମୋକରମ୍ ମୁନୀର ଅହମଦ୍ ଜାଓ୍ୱେଦ୍ ସାହେବ୍ ପ୍ରାଇଭେଟ୍ ସେକ୍ରେଟରୀ

୮. ମୋକରମ୍ ମକ୍‌ସୁଦ୍ ଅହମଦ୍ ଅଲ୍‌ଓ୍ୱି ସାହେବ୍ ରିଜିଓନାଲ୍ ମୁଅଲିମ୍ ସିଲ୍‌ସିଲା

୯. ମୋକରମ୍ ଚୌଧରୀ ଇଫ୍‌ତେଖାର୍ ଅହମଦ୍ ସାହେବ୍ ସଦର ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଜର୍ମାନୀ

୧୦. ମୋକରମ୍ ହସ୍‌ନାତ୍ ଅହମଦ୍ ସାହେବ୍ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଜର୍ମାନୀ

୧୧. ମୋକରମା ଅମ୍‌ତୁଲ୍ ହଇ ସାହିବା ସଦର୍ ଲଜ୍‌ନା ଇମାଇଲ୍ଲାଃ ଜର୍ମାନୀ

୧୨. ମୋକରମ୍ ରାଜା ମୁହମ୍ମଦ୍ ୟୁସୁଫ୍ ସାହେବ୍ ଆଡ଼ିସ୍‌ନାଲ୍ ସେକ୍ରେଟାରୀ ଉମୁରେ ଖାରିଜା

୧୩. ମୋକରମ୍ ମୁଜଫର୍ ଅହମଦ୍ ଜଫର୍ ସାହେବ୍ ରିଜିଓନାଲ ଅମୀର

୧୪. ମୋକରମ୍ ତାହେର୍ ଅହମଦ୍ ସାହେବ୍ ସଦର ଯମାତ୍ ଫ୍ଲୋର୍‌ସ୍ଥାର୍ଡ଼

୧୫. ମୋକରମ୍ କାଶିଫ୍ ଅଜିଜ୍ ସାହେବ୍ ସେକ୍ରେଟାରୀ ମାଲ୍ ଫ୍ଲୋର୍‌ସ୍ଥାର୍ଡ଼

୧୬. ମୋକରମ୍ ଇଦିରିସ୍ ଅହମଦ୍ ସାହେବ୍ ଯଇମ୍ ଅନ୍‌ସାରୁଲ୍ଲାଃ ଫ୍ଲୋର୍‌ସ୍ଥାର୍ଡ଼

୧୭. ମୋକରମ୍ ଅରସଲାନ୍ ସାଦିକ୍ ସାହେବ୍ କାଏଦ୍ ମଜ୍‌ଲିସ୍ ଫ୍ଲୋର୍‌ସ୍ଥାର୍ଡ଼

୧୮. ମୋକରମା ବୁଶ୍‌ରା ଇନ୍‌ଆମ୍ ସାହିବା ସଦର ଲଜ୍‌ନା ଫ୍ଲୋର୍‌ସ୍ଥାର୍ଡ଼

୧୯. ଅଜିଜା ମଦିହା ଅଜିଜ୍ ଅହମଦ୍ ଓ୍ୱାକିଫେଏ ନୌ

୨୦. ଅଜିଜମ୍ ମୁହମ୍ମଦ୍ ଅନଓ୍ୱର ଓ୍ୱାକିଫେ ନୌ, ଏବଂ

୨୧. ମୋକରମ୍ ମୁବାରକ୍ ଅହେମଦ୍ ଜମିଲ୍ ସାହେବ୍

ଭିତିପ୍ରସ୍ତର ସ୍ଥାପନ ଉତ୍ସବର ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ଦୁଆ ପରେ ହଜୁର ଅନଓ୍ୱର ଅ:ବ:ଅ ଲଜ୍‌ନାମାନଙ୍କ ପାଇଁ ଲଗାଯାଇଥିବା ସାମିୟାନା ଭିତରକୁ ପଦାର୍ପଣ କଲେ । ସେଠାରେ ଛୋଟଛୋଟ ଝିଅପିଲାମାନେ ପ୍ରାର୍ଥନାମୁଳକ ନଜମ୍ ପେସ୍ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ଛୋଟଛୋଟ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ସେହି ସ୍ଥାନରେ ପଦାର୍ପଣ ହେଲେ ଯେଉଁଠି ସମସ୍ତ ଅତିଥିମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ କରିବାର ବ୍ୟବସ୍ଥା କରାଯାଇଥିଲା ।

ଆଜିକାର ଏହି ଉତ୍ସବରେ ଊଣା ଅଧିକେ ୧୮୦ ଜଣ ଅତିଥି ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରେ ମେମ୍ବର ଅଫ୍ ପାର୍ଲାମେଂଟ ବେଟିନା ମୁଲର୍ ସାହିବା, ଫ୍ଲୋର୍‌ସ୍ଥାର୍ଡ଼ ସହରର ମେୟର ହର୍ବଟ ମୁଲ୍‌ର ସାହେବ୍, ନିଦ୍ଧା ସହରର ମେୟର ହାନ୍‌ସ ପିଟର ସିୟମ୍ ସାହେବ୍, ସିଟିକାଉନ୍‌ସିଲ୍‌ର ସଦସ୍ୟଗଣ, ସ୍କୁଲ୍‌ର ପ୍ରିନ୍ସିପାଲ୍, ରାଜନେତା, ଶିକ୍ଷକ, ପୋଲିସ୍ ଚିଫ୍, ଡ଼ାକ୍ତର, ବିଦ୍ୟାର୍ଥୀମାନେ ଓ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକମାନେ ସାମିଲ ହୋଇଥିଲେ ।

ମଧ୍ୟାହ୍ନ ଭୋଜନ କରିସାରିବା ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସି ସାକ୍ଷାତ କରୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ କଥା ହେଉଥିଲେ ।

ମେମ୍ବର ଅଫ୍ ନ୍ୟାସନାଲ ପାର୍ଲାମେଂଟ ଏବଂ ମେୟର ହର୍ବଟ ଅଙ୍ଗର୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କଲେ । ଅତିଥିମାନଙ୍କ ସହିତ ସାକ୍ଷାତ କରିବାପରେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନାର ବାହାରକୁ ଆସିଲେ । ସ୍ଥାନିୟ ଯମାତ୍‌ର ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଏହି ଅବଧି ମଧ୍ୟରେ ପିଲାମାନେ ଗୋଟିଏପଟେ ଧାଡ଼ି ବାନ୍ଧି ଛିଡ଼ା ହୋଇଯାଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ସ୍ନେହର ସହିତ ସେହି ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 02 April 2020 Issue No. 14

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

**୧୭ ଅକ୍ଟୋବର ୨୦୧୫ (ଶନିବାର) ରିପୋର୍ଟର ଅବଶିଷ୍ଟାଂଶ**

**ଯାମିୟା ଅହେମଦୀୟା ଜର୍ମାନୀର ଶାହିଦ୍ କ୍ଲାସ୍‌ର ବିଦ୍ୟାର୍ଥୀମାନଙ୍କୁ ସାର୍ଟିଫିକେଟ ବିତରଣ ଉତ୍ସବ ଅବସରରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ ।**

ହଜୁର ଅନଓ୍ୱର ଅ:ବ:ଅ କହିଲେ ପୁଣି ଏହା ମଧ୍ୟ ମନେରଖନ୍ତୁ ଯେ, ଆପଣମାନଙ୍କ ଦାୟିତ୍ୱରେ ନିଜାମ୍‌କୁ ସୁରକ୍ଷା ରଖିବାର କର୍ତବ୍ୟ ମଧ୍ୟ ନ୍ୟସ୍ତ କରାଯାଇଛି । ଏବଂ ଏହି ନିଜାମ୍‌କୁ ସୁରକ୍ଷା ରଖିବାପାଇଁ ସର୍ବପ୍ରଥମେ ଆପଣମାନେ ନିଜେ ହିଁ ନିଜାମ୍‌ର ସୁରକ୍ଷା କରିବେ ପୁଣି ପୁନର୍ବାର ସେହି କଥା ମୁଁ କହିବି ଯେ, ଆପଣମାନଙ୍କୁ ଆଜ୍ଞାନୁବର୍ତିତାର ଦୃଷ୍ଟାନ୍ତ ପ୍ରତିଷ୍ଠା କରିବାକୁ ହେବ । ଯଦି ଆପଣମାନେ ନିଜାମ୍‌ର ସୁରକ୍ଷା କରିବେ ନାହିଁ ତେବେ ଅନ୍ୟମାନଙ୍କୁ ନିଜାମ୍‌ର ସୁରକ୍ଷା ପାଇଁ କିପରି ଉପଦେଶ ଦେବେ । ମତଭେଦ ତ ସବୁଠି ରହିଛି କିନ୍ତୁ ଏହି ମତଭେଦକୁ ନିଜାମ୍ ଭିତରେ ପ୍ରତିବନ୍ଧକ ସାଜିବାକୁ ଦେବା ଉଚିତ ନୁହେଁ । ଏହି ମତଭେଦକୁ ଆଜ୍ଞାବହତାରୁ ବାହାରକୁ ବାହାରି ଯିବାପାଇଁ ମାଧ୍ୟମ ନ ବନାନ୍ତୁ । ବରଂ ଯିଏ ମଧ୍ୟ ତୁମଉପରେ ନିରୀକ୍ଷକ ଅଛନ୍ତି ତାଙ୍କ ନିକଟରେ ନିଜର ଅଭିଯୋଗକୁ ପହଂଚାଇ ଦିଅନ୍ତୁ । ଯଦି ଏପରି ନୁହେଁ ତେବେ ଖଲିଫାଙ୍କ ନିକଟରେ ପହଂଚାଇ ଦିଅନ୍ତୁ । ତା'ପରେ ନିଜାମ୍ ଯେଉଁ ଶୈଳୀରେ ଆପଣଙ୍କଠାରୁ କାର୍ଯ୍ୟ ଅସୁଲ୍ କରିବାପାଇଁ ଚାହୁଁଛି ତା ମୁତାବକ କାମ କରିଚାଲନ୍ତୁ । ମୁଁ ଯେପରି କହିଲି ଯେ, ନିଜାମର କଥା ମାନି ଚାଲିବା ହେଉଛି ଆପଣମାନଙ୍କର ପ୍ରାଥମିକ କାର୍ଯ୍ୟ । ଯମାତ୍‌ରେ ଯେଉଁ ସ୍ଥାନକୁ ମଧ୍ୟ ଯାଆନ୍ତୁ ଯେଉଁଠି ମଧ୍ୟ ଆପଣମାନଙ୍କୁ ମୁତୟନ କରାଯାଉ । ସେଠାରେ ଯମାତର ଲୋକମାନଙ୍କ ମଧ୍ୟରେ ନିଜାମ ପ୍ରତି ସମ୍ମାନ ସୃଷ୍ଟି କରାନ୍ତୁ ଓ ସେମାନଙ୍କୁ ଏହାର ସଠିକ୍ ଗୁରୁତ୍ୱ ବତାଇ ମାର୍ଗଦର୍ଶନ କରାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସୁତରାଂ ଏହା ଏପରି ସ୍ଥଳେ ହୋଇପାରିବ ଯେତେବେଳେ ପ୍ରତ୍ୟେକ ସ୍ତରରେ ଆପଣମାନଙ୍କର ନିଜର କାର୍ଯ୍ୟନମୁନା ସମ୍ମୁଖରେ ରହୁଥିବ । ନମାଜ ଓ ଦୁଆ କରିବାପ୍ରତି ପ୍ରଥମେ ମୁଁ ଧ୍ୟାନ ଆକର୍ଷଣ କରାଇ ସାରିଛି ଓ ପୁର୍ନବାର କରାଇ ଦେଉଛି ଯେ, ଆମର ପ୍ରତ୍ୟେକ କାର୍ଯ୍ୟ ଦୁଆ ଦ୍ୱାରା ହିଁ ସାଧିତ ହୋଇପାରିବ । ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି ଯେ, ଅଲ୍ଲାଃ ତାଲା ଏହା ହିଁ ବତାଇଛନ୍ତି କି, ଏବେ ଯେଉଁ ସବୁ କାର୍ଯ୍ୟ ହେବାକୁ ଅଛି ତାହା ଆପଣଙ୍କ ଦୁଆ ଦ୍ୱାରା ହି: ହେବ । ଯମାତର ଉନ୍ନତି ମଧ୍ୟ ଦୁଆ ଦ୍ୱାରା ହିଁ ହେବ । ସେଥିଯୋଗୁଁ ସେହି ଲୋକ ଯେଉଁମାନେ ନିଜକୁ ବିଶେଷରୂପେ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସେନାରେ ଓ ସେହି ସିପାହୀମାନଙ୍କ ମଧ୍ୟରେ ସାମିଲ କରାଇଛନ୍ତି ଓ ଯେଉଁମାନେ ଦୀନ୍‌ର ଏହି ବାର୍ତାକୁ ପୃଥିବୀରେ କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବା ପାଇଁ ଅହରହ ଚେଷ୍ଟା ଚଳାଇଛନ୍ତି ସେମାନଙ୍କ ପାଇଁ ତ ବିଶେଷରୂପେ ବହୁତ ଜରୁରୀ ଅଟେ ଯେ, ସେମାନେ ନିଜର ଦୁଆ ପ୍ରତି ବହୁତ ଧ୍ୟାନ ଦିଅନ୍ତୁ । ନଫିଲ୍ ପ୍ରତି ବହୁତ ଧ୍ୟାନ ଦିଅନ୍ତୁ । ନମାଜ ସଠିକ୍‌ରୂପେ ପାଠ କରନ୍ତୁ ଓ ଅଲ୍ଲାଃ ତାଲାଙ୍କ ସହିତ ଏପରି ସମ୍ବନ୍ଧ ସୃଷ୍ଟି କରନ୍ତୁ ଯେ, ଯେପରି ଜଣେ ପ୍ରକୃତ ମୁମିନ୍‌ର ସମ୍ବନ୍ଧ ଅଲ୍ଲାଃ ତାଲାଙ୍କ ସହିତ ହୋଇଥାଏ । ଏଥିପ୍ରତି ହଜ୍‌ରତ୍ ମସିହ ମଉଦ ଆ:ସ ବାରମ୍ବାର ଆମକୁ ଉପଦେଶ ଦେଇଛନ୍ତି । ଅଲ୍ଲାଃ ତାଲା କରନ୍ତୁ କି ଆପଣମାନେ କର୍ମ କ୍ଷେତ୍ରରେ ମଧ୍ୟ ନିଜର ପବିତ୍ର ନମୁନାକୁ ପଦର୍ଶନକାରୀ ହୁଅନ୍ତୁ ଓ କାହାକୁ ଠୋକର୍ ଖାଇବାର କାରଣ ନ ହୁଅନ୍ତୁ ବରଂ ଏପରି ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ଆପଣମାନଙ୍କୁ ଦେଖିବେ ସେମାନେ ଏକଥା କହୁଥିବେ ଯେ, ଏହି ମୁରବୀମାନେ ଜାମିୟାରୁ ଉତୀର୍ଣ୍ଣ ହୋଇଛନ୍ତି ଓ ଏମାନେ ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍‌ର ତର୍‌ବିୟତ୍ ଓ ଯମାତ୍‌ର ତବ୍‌ଲିଗ୍ ଦୃଷ୍ଟିକୋଣରୁ ମଧ୍ୟ ଉତମ ନମୁନା ପେସ୍ କରୁଛନ୍ତି । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ଶକ୍ତିପ୍ରଦାନ କରନ୍ତୁ । ଏବେ ଦୁଆ କରିନିଅ । (ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ)

ଏହାପରେ ଯାମିୟା ଅହେମଦିୟା ଜର୍ମାନୀର ପୂର୍ଣ୍ଣକ୍ଲାସ୍‌ର ବିଦ୍ୟାର୍ଥୀମାନେ ଗୋଟି ଗୋଟି କରି ନିଜ ପ୍ରୀୟ ଆକ୍କାଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଉତୀର୍ଣ୍ଣ ହୋଇଥିବା ମୁରବୀମାନଙ୍କ ଫଟୋ ଉଠା ପରେ ଯାମିୟା ଅହେମଦୀୟାର ଶିକ୍ଷକଗଣ ଓ କର୍ମୀମାନେ ମଧ୍ୟ ନିଜ ପ୍ରୀୟ ଆକ୍କାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ଅବସରରେ ଯାମିୟା ଅହେମଦୀୟା ୟୁକେ ର ପଂଚମ କ୍ଲାସର ବିଦ୍ୟାର୍ଥୀମାନେ ମଧ୍ୟ ନିଜ ପ୍ରୀୟ ଆକ୍କାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ହାସଲ କଲେ । ଯମିୟା ଅହେମଦୀୟା ୟୁକେ ର ପଂଚମ କ୍ଲାସ୍‌ଟି ହଜୁର ଅନଓ୍ୱର ଅ:ବ:ଅଙ୍କ ନିର୍ଦ୍ଦେଶ ମୁତାବକ ଗୋଟିଏ ଏକ୍ସଚେଞ୍ଜ କ୍ଲାସ ପ୍ରୋଗ୍ରାମ ଅନ୍ତର୍ଗତ ଦୁଇ ସପ୍ତାହ ପାଇଁ ଯାମିୟା ଅହେମଦୀୟା ଜର୍ମାନୀରେ ଅଛନ୍ତି । ଏବେ କନ୍‌ଭୋକେସନ୍ ର ଏହି ପ୍ରୋଗ୍ରମ ପରେ ଯାମିୟା ଅହେମଦୀୟା ଜର୍ମାନୀର ପଂଚମ କ୍ଲାସଟି ମଧ୍ୟ ଦୁଇ ସପ୍ତାହପାଇଁ ଯମିୟା ଅହେମଦୀୟା ୟୁକେ ଆସିବ ।

ଫଟୋ ଉଠାଇବାର ଏହି କାର୍ଯ୍ୟକ୍ରମ ପରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ମଧ୍ୟାହ୍ନ ଭୋଜନ ଖାଇବାର ବ୍ୟବସ୍ଥା କରାଯାଇଥିଲା । ଯମିୟା ଅହେମଦୀୟାର ସମସ୍ତ ବିଦ୍ୟାର୍ଥୀ ଓ ଆଜିକାର ଏହି ଉତ୍ସବରେ ସାମିଲ ହୋଇଥିବା ସମସ୍ତ ଅତିଥି ନିଜ ପ୍ରୀୟ ଆକ୍କାଙ୍କ ସହି ମଧ୍ୟାହ୍ନ ଭୋଜନ କଲେ ।

ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଯାମିୟା ରେ ଥିବା ମସ୍‌ରୁର୍ ହଷ୍ଟେଲ୍ ଭିତରକୁ ପ୍ରବେଶ କଲେ ଓ ସେଠାରେ କିଛି କୋଠରୀର ପରିଦର୍ଶନ କଲେ । ତତ୍ ସହିତ ବିଭିନ୍ନ କଥା ପଚାରି ବୁଝିଲେ ଓ କିଛି ଉପଦେଶ ମଧ୍ୟ ପ୍ରଦାନ କଲେ ।

ଏହାପରେ ଠିକ୍ ଦୁଇଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଅଜିଜ୍‌ରେ ପଦାର୍ପଣ କରି ଜୋହାର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଏଠାରୁ ଲେଉଟି ଯିବାପାଇଁ ବାହାରିଲେ ସେତେବେଳେ ଯାମିୟାର ସମସ୍ତ ବିଦ୍ୟାର୍ଥୀ ରାସ୍ତାର ଗୋଟିଏ ପଟେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ ଓ ନିଜ ପ୍ରୀୟ ଆକ୍କାଙ୍କୁ ଉପରକୁ ହାତ ଉଠାଇ ବିଦାୟ ଦେଉଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ପ୍ରେମପୂର୍ଣ୍ଣ ଭାବରେ ସେମାନଙ୍କ ନିକଟ ଦେଇ ଯାଉଥିବା ବେଳେ ସେମାନଙ୍କର ସଲାମ୍‌ର ଉତର ଦେଉଥାନ୍ତି ଓ କେତେକଙ୍କ ସହିତ କଥା ମଧ୍ୟ ହଉଥାନ୍ତି ।

ଠିକ୍ ୨:୨୦ ମିନିଟରେ ଏଠାରୁ ଯାତ୍ରା ଆରମ୍ଭ ହେଲା । ୪୦ ମିନିଟର ଯାତ୍ରାପରେ ପାଖାପାଖି ଦିନ ତିନିଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ବଇତୁସ୍ ସବୁହ୍ ଫ୍ରାଙ୍କଫ୍ରଟଠାରେ ପହଂଚିଲେ ପୁଣି ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଦିନର ତୃତୀୟ ପ୍ରହରରେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ ଡ଼ାକ, ଚିଠି ପତ୍ର ଏବଂ ରିପୋର୍ଟ ଇତ୍ୟାଦି ନିରୀକ୍ଷଣ କଲେ ଓ ସେ ସବୁରେ ନିର୍ଦ୍ଦେଶ ପ୍ରଦାନ କଲେ ।

ପ୍ରୋଗ୍ରାମ ମୁତାବକ ସଂଧ୍ୟା ୮:୧୫ ମିନିଟରେ ତାଲିମୁଲ୍ ଇସ୍‌ଲାମ କଲେଜ୍ ରବ୍ଓ୍ୱାର Old Student Association Garmani ର ଓହଦାଦାରମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରେ ପ୍ରବେଶ କଲେ । କାର୍ଯ୍ୟକ୍ରମ ମୁତାବକ ସେଠାରେ ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ସୌଭାଗ୍ୟବାନ ୨୨ ଜଣ ପୁଅ ଝିଅ ପିଲାଙ୍କଠାରୁ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

୧. ଦାନିଶ୍ ଅହେମଦ୍ ଖୋଖର୍,
୨. ଅତ୍‌ହର୍ ଅହ୍‌ମଦ୍ ରିଜ୍‌ଓ୍ୱାନ୍,
୩. ଏହ୍‌ତେଶାମ୍ ଅହମଦ୍,
୪. ଫଏଜାନ୍ ଅହ୍‌ମଦ୍,
୫. ମାମୁନ୍ ଅହ୍‌ମଦ୍ ସାଦିକ୍,
୬. କାସିମ୍ ଜିଶାନ୍ ସାଦିକ୍,
୭. ଫର୍‌ହାନ୍ ଫାରୁକ୍,
୮. ଅହଦ୍ ଅହମଦ୍ ଅର୍‌ଶଦ୍,
୯. ଏହ୍‌ସାନ୍ ଅହ୍‌ମଦ ମୁଇନ୍,
୧୦. ଫର୍‌ହାନ୍ ଅହମଦ୍ ମୁଇନ୍,
୧୧. ମାଉଜ୍ ଅହ୍‌ମଦ୍ ବଟ୍,
୧୨. ମୁସଓ୍ୱର୍ ବଟ୍,
୧୩. ନୁମାନ୍ ୟୁସୁଫ୍ ଇମ୍‌ରାନ୍ ।
୧୪. ମରିୟମ୍ ଅହ୍‌ମଦ୍,
୧୫. ଅତିକା ରଶିଦ୍,
୧୬. ନାଏଲା ଅଜ୍‌ହର୍,
୧୭. ସଲମା ରିଜ୍‌ଓ୍ୱାନ୍,
୧୮. ଅମତୁଲ୍ ମୁକତ୍ ମନାହିଲ୍,
୧୯. ମଲାହତ୍ ମଞ୍ଜୁର୍ ଚୌଧୁରୀ,
୨୦. ନସ୍‌ଆ ମଲାଇକା,
୨୧. ଆଫିୟା ସୁଲ୍‌ତାନ୍ ଏବଂ
୨୨. ଅରିବା ତାହିର୍ ।

ଆମିନ୍ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ମଗରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ ।

**ଏଲାନେ ନିକାହ୍ (ନିକାହ୍‌ର ଘୋଷଣା)**

ନମାଜପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅନୁମତି କ୍ରମେ ଜର୍ମାନୀର ମୁବଲିଗ୍ ଇନ୍‌ଚାର୍ଜ ସାହେବ୍ ମୁକରମ୍ ହାଇଦର ଅଲୀ ଜଫର୍ ସାହେବ୍ ନିମ୍ନଲିଖିତ ଚାରିଗୋଟି ନିକାହ୍‌ର ଏଲାନ୍ କଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan